# ତଦନ୍ତ କଲେ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଚିକିତ୍ସା ଅବହେଳା ଜନିତ ମୃତ୍ୟୁ**

- ଛାତ୍ରୀ ଦେବସ୍ମିତାଙ୍କ ମୃତ୍ୟୁ ଘଟଣାକୁ ୫ ମାସ ବିତିଲାଣି
- ମୃତକଙ୍କ ପରିବାର ସମେତ ଡାକ୍ତର, ଷ୍ଟାଫନର୍ସ, ଫାର୍ମାସିଷ୍ଟଙ୍କ ଲିଖିତ ବୟାନ ରେକର୍ଡ

ଭଦ୍ରକ ଅଫିସ,୨।୧୧

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଜୁଲାଇ ୩ ତାରିଖରେ ଛାତ୍ରୀ ଦେବସ୍ମିତା ମହାଲିକ(୧୩) ଙ୍କ ଚିକିତ୍ସା ଅବହେଳା ଜନିତ ମୃତ୍ୟୁ ଘଟଣାକୁ ୫ ମାସ ବିତିଲାଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡା. ବିଷ୍ଣୁପ୍ରସାଦ ମହାପାତ୍ର ଶୁକ୍ରବାର ଜିଲା ଚିକିତ୍ସାଳୟରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ସିଡିଏମ୍‌ଓ ଡା. ମହମ୍ମଦ ଅବଦୁଲ ରଶିଦ ଉପସ୍ଥିତ ଥିଲେ। ୪ ଡାକ୍ତରଙ୍କ ସମେତ ୨ ଷ୍ଟାଫନର୍ସ, ଆଉଟଡୋରରେ କାର୍ଯ୍ୟରତ ଫାର୍ମାସିଷ୍ଟ ଓ ୱାର୍ଡ ଆଟେଣ୍ଡାଣ୍ଟଙ୍କ ଲିଖିତ ବୟାନ ରେକର୍ଡ କରାଯାଇଥିଲା। ମୃତାଛାତ୍ରୀ ଦେବସ୍ମିତାଙ୍କ ବାପା ଅଭିମନ୍ୟୁ ମଳିକ ଓ ଦାଦା ବିକ୍ରମ ମଳିକଙ୍କ ଠାରୁ ଘଟଣା ସମ୍ପର୍କିତ ଲିଖିତନାମା ଅଣାଯାଇ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇଥିଲା।

ଉଲ୍ଲେଖନୀୟ ଯେ, ଧାମନଗର ଥାନା ଅଧୀନ ଚୁଡାକୁଟି ଦଇପୁର ଗ୍ରାମର ଅଭିମନ୍ୟୁଙ୍କ ଝିଅ ଦେବସ୍ମିତାଙ୍କ ପେଟ କାଟିବା ଓ ମୁଣ୍ଡ ବୁଲାଇବାରୁ ତାକୁ ଆଣି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାତି ସମୟରେ କେହି ଡାକ୍ତର ଦେଖିବାକୁ ନ ଆସିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଏଥିଲାଗି ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଦେବସ୍ମିତାଙ୍କ ମୃତ୍ୟୁର କାରଣ ଜାଣିବା ଲାଗି ସେତେବେଳେ କେତେକ ନମୁନା ଭୁବନେଶ୍ୱର ଫରେନ୍ସିକ ଲାବରେଟୋରୀକୁ ପରୀକ୍ଷା ଲାଗି ପଠାଯାଇଥିଲା। ଏହାର ପ୍ରାଥମିକ ତଦନ୍ତ କରାଯାଇ ନାମକୁମାତ୍ର କାର୍ଯ୍ୟାନୁଷ୍ଠାନ ନିଆ ଯାଇଥଲା। ଏଥିଲାଗି ମୃତାଛାତ୍ରୀଙ୍କ ପରିବାରବର୍ଗ ଏଯାଏ ଉଚିତ ନ୍ୟାୟ ପାଇ ପାରି ନାହାନ୍ତି। ଘଟଣାଦିନ ଚିକିତ୍ସା ଅବହେଳା ଜନିତ ମୃତ୍ୟୁକୁ ନେଇ ଡାକ୍ତରଖାନା ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଆଉଟଡୋର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। କାର୍ଯ୍ୟରେ ଅବହେଳା କରିଥିବା ସମ୍ପୃକ୍ତ ଡାକ୍ତର ଓ ଷ୍ଟାଫନର୍ସଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଥିଲେ। ପୋଲିସ, ପ୍ରଶାସନିକ ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷ ୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହୋଇଥିବାରୁ ଦେବସ୍ମିତାଙ୍କ ପରିବାର ଚିନ୍ତାରେ ରହିଛନ୍ତି। ଆଜିର ଲିଖିତ ତଥ୍ୟକୁ ଭିତ୍ତି କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତରେ ଆସିଥିବା ଅତିରିକ୍ତ ନିର୍ଦ୍ଦେଶକ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।


ମୃତ ଛାତ୍ରୀଙ୍କ ବାପାଙ୍କଠାରୁ ଡା. ବିଷ୍ଣୁପ୍ରସାଦ ମହାପାତ୍ର ବୟାନ ରେକର୍ଡ କରୁଛନ୍ତି।

## ସଂକ୍ଷେପରେ

### ଦଳୀୟ ବ୍ୟାନର ଚିରିବାକୁ ନେଇ ଉତ୍ତେଜନା

**ବାସୁଦେବପୁର,୨।୧୧(ଡି.ଏନ.ଏ.)**-ଭଦ୍ରକ ଜିଲା ବାସୁଦେବପୁର ସହରରେ କେତେକ ରାଜନୈତିକ ସଂଗଠନ ପକ୍ଷରୁ ଦଳୀୟ ଶୁଭେଚ୍ଛା ବାର୍ତ୍ତା ବ୍ୟାନର ଲଗାଯାଇଥିଲା। ସେହିପରି ବ୍ଲକରୋଡ କାଳୀପୂଜା କମିଟି ପକ୍ଷରୁ ଯାତ୍ରା ବ୍ୟାନର ମଧ ଲଗାଯାଇଥିଲା। ଗୁରୁବାର ରାତିରେ କେହି ଏହି ବ୍ୟାନରକୁ ଚିରି ଦେଇଥିବା ସହ ଛିଡ଼ାଇ ନେଇଯାଇଥିବାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିଲା। କଂଗ୍ରେସ ଓ ଭାଜପାର ବ୍ୟାନର ଚିରି ଦିଆଯିବା ଓ ଚୋରି କରିନିଆଯିବା ଘଟଣା ଦୁଇ ଦଳର କର୍ମକର୍ତ୍ତା ଓ ନେତୃମଣ୍ଡଳୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ଘଟଣାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇଉଠିଥିବା ବେଳେ ବିରୋଧୀ ରାଜନୈତିକ ସଂଗଠନ ଉପରକୁ ଆଙ୍ଗୁଳି ଉଠାଇଛି ଭାଜପା। ଏ ଦିଗରେ ପୋଲିସ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି।

### ଦୁର୍ନୀତି ବିରୋଧରେ ବ୍ଲକ ଘେରାଉ

**ତିହିଡ଼ି,୨।୧୧(ଡି.ଏନ.ଏ.)**-ଭଦ୍ରକ ଜିଲା ତିହିଡ଼ି ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ କାରବାରର ପ୍ରତିବାଦ ଏବଂ କୃଷିଋଣ ଛାଡ଼, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ଦଳ ପକ୍ଷରୁ ଘେରାଉ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦଳର ନେତା ଓ କର୍ମୀମାନେ ତହସିଲ ଛକଠାରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚିଥିଲେ। ସେଠାରେ ସେମାନେ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଓବିସିମୋର୍ଚ୍ଚା ସଭାପତି ବୁଦ୍ଧଦେବ ଜେନାଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଯୋଗଦେଇ ବିଜୁ ଯୁବବାହିନୀ ଦ୍ୱାରା ଯୁବକମାନେ ବିପଥଗାମୀ ହେଉଥିବା ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଆଗାମୀ ନିର୍ବାଚନରେ ଦୁର୍ନୀତିଗ୍ରସ୍ତ ବିଜେଡି ସରକାରକୁ ହଟାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ୱିନୀ ଖୁଣ୍ଟିଆ, ବାସୁଦେପୁର ନେତା ମାଧବାନନ୍ଦ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଅଶୋକ ସାହୁ, ପଞ୍ଚାନନ ନାୟକ, ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ଶରତ ଦାସ, ମଙ୍ଗରାଜ ନାୟକ, ଉମାକାନ୍ତ ଦାସ, ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ବ୍ଲକ ଉପାଧକ୍ଷା ଦ୍ରୌପଦୀ ସ୍ୱାଇଁ ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତର କେତେକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଜିଲା ସମ୍ପାଦକ ମୁକ୍ତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜବରଦଖଲ ଉଚ୍ଛେଦ

**ବନ୍ତ,୨।୧୧(ଡି.ଏନ.ଏ.)**-ରାଜ୍ୟ ରାଜପଥ ନିର୍ମାଣ ନେଇ ଜିଲା ପ୍ରଶାସନ ପକ୍ଷରୁ ବନ୍ତ ପୁରୁଣାବଜାରସ୍ଥିତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଜବରଦଖଲ ଶୁକ୍ରବାର ଉଚ୍ଛେଦ କରାଯାଇଛି। କେତେକ ଘର, କ୍ୟାବିନ ଓ ବିଦ୍ୟାଳୟ ପାଚେରିକୁ ଭାଙ୍ଗି ଦିଆଯାଇଛି। ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ନିର୍ମାଣ ପାଇଁ କିଛିବର୍ଷ ତଳେ ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ଘର ଓ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ସେତେବେଳେ ବନ୍ତ ପୁରୁଣାବଜାରଠାରେ ଘର ଓ କ୍ୟାବିନଗୁଡ଼ିକ ଉଚ୍ଛେଦ ହୋଇପାରି ନ ଥିଲା। ଏବେ ପୁରୁଣାବଜାର ରାସ୍ତା କାର୍ଯ୍ୟ ଚାଲୁ ରହିଛି। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ପୁରୁଣାବଜାର ରାସ୍ତାପାର୍ଶ୍ୱରେ ଥିବା ତ୍ରିଲୋଚନ ପଣ୍ଡା, ଜଗବନ୍ଧୁ ଜେନା, ନୀଳମଣି ନାୟକଙ୍କ ଘର, ମୁନା ନାୟକଙ୍କ କ୍ୟାବିନ ସମେତ ବାଳିକା ଉଚ୍ଚ ବିଦ୍ୟାଳୟର ପାଚେରିକୁ ଜେସିବି ସହାୟତାରେ ଭଙ୍ଗା ଯାଇଥିଲା। ତହସିଲଦାର ଫକୀର ଚରଣ ପରିଡ଼ା, ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ସମେତ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ: ୫ ଗୁରୁତର

**ଭଣ୍ଡାରିପୋଖରୀ,୨।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚିଙ୍ଗୁଡିପୁର କେନାଲ ଛକଠାରେ ଶୁକ୍ରବାର ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ମେଦିନପୁର ଅଞ୍ଚଳର ବିଶ୍ୱନାଥ ପରିଆ, ପ୍ରତିମା ପରିଆ, ଅଭିଜିତ ପରିଆ, ଆରତି ମାନା ଓ ସହଦେବ ମାନା। ସେମାନଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଶୁକ୍ରବାର କୋଲକାତାରୁ କଟକ ଯାଉଥିବା ଏକ ଆମ୍ବୁଲାନ୍ସ (ଡବ୍ଲ୍ୟୁ ବି-୩୫୦୨୨୦)କୁ ସମାନ ଦିଗରେ ଯାଉଥିବା ଅନ୍ୟ ଏକ ଗ୍ୟାସ୍ ବୋଝେଇ ଟ୍ରକ ସାଇଡରୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ଜାତୀୟ ରାଜପଥରେ ଓଲଟି ପଡ଼ିବାରୁ ଏଥିରେ ଥିବା ୫ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଧକ୍କା ଦେଇଥିବା ଗ୍ୟାସ୍ ଟ୍ରକ ଫେରାର ହୋଇଯାଇଥିଲା। ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।


ଏନ୍‌ଏଚ୍‌ରେ ଓଲଟି ପଡିଥିବା ଆମ୍ବୁଲାନ୍ସ।

## କ୍ରୀଡ଼ା ପ୍ରତିଯୋଗିତା

**ଧାମନଗର,୨।୧୧(ଡି.ଏନ.ଏ.)**– ଧାମନଗର ବ୍ଲକସ୍ତରୀୟ ବାର୍ଷିକ ଶାରଦୀୟ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଫିଡର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲାସ୍କୁଲ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ଯୋଗ ଦେଇଥିଲେ। ବିଇଓ ପବିତ୍ର ମୋହନ ବାରିକ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ଶ୍ରୀଚରଣ ମଲ୍ଲିକ, ପୀତାମ୍ବର ବାରିକ ଯୋଗଦେଇଥିଲେ। ପୂର୍ବତନ ସିଆର୍‌ସିସି ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ ଜିଲାସ୍ତରକୁ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। କିଶୋର ନାୟକ, ପ୍ରଶାନ୍ତ ପଣ୍ଡା, ସୁଦର୍ଶନ ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଏବିଇଓ କମଳାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ସୁରେନ୍ଦ୍ର ସେଠୀ, ଅଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ମହିଳାଙ୍କ ସଶକ୍ତୀକରଣ ସମୃଦ୍ଧି ଆଣିବ’

**ବାସୁଦେବପୁରରେ ବିଜେଡିର ମହିଳା ସମାବେଶ**

**ବାସୁଦେବପୁର,୨।୧୧(ଡି.ଏନ.ଏ.)**

ଆଜି ମହିଳାମାନେ ରାଜ୍ୟ ଓ ଦେଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ବଜେଟରେ ମହିଳା ଓ ଶିଶୁଙ୍କ ପାଇଁ ୭୦ ପ୍ରତିଶତ ଅର୍ଥ ବ୍ୟୟବରାଦ ହେଉଛି। ସେମାନଙ୍କ ଲାଗି ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ମହିଳାଙ୍କ ସଶକ୍ତୀକରଣ ରାଜ୍ୟର ସମୃଦ୍ଧି ଆଣିପାରିବ ବୋଲି ଶୁକ୍ରବାର ଭଦ୍ରକ ଜିଲା ବାସୁଦେବପୁର ବାଲିନଗର ଯାଦବ ପଡିଆରେ ବିଜେଡି ପକ୍ଷରୁ ଆୟୋଜିତ ବିଶାଳ ମହିଳା ସମାବେଶରେ ଅତିଥି ଓ ବକ୍ତାମାନେ କହିଛନ୍ତି।

ରାଜ୍ୟ ଯୋଜନା ସମନ୍ୱୟ ଓ ଦକ୍ଷତା ବିଭାଗ ମନ୍ତ୍ରୀ ଉଷା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ବାସୁଦେବପୁର ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଏମ୍‌ପି ଅର୍ଜୁନ ଚରଣ ସେଠୀ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମୁଖପାତ୍ର ସୁଲୋଚନା ଦାସ, ସିନେ ଅଭିନେତ୍ରୀ ତଥା ବିଜୁ ମହିଳା ଜନତା ଦଳ ଉପସଭାପତି ଏଲିନା ଦାସ, ଜିଲା ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ବିଜେଡି ଜିଲା ସାଧାରଣ ସମ୍ପାଦକ ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଉଷା ଦେବୀ କହିଥିଲେ, ମହିଳାମାନେ କେମିତି ଆଗକୁ ଆସି ରାଜ୍ୟ ଓ ଦେଶର ପ୍ରଗତିରେ ସାମିଲ ହେବେ ଏହା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟ କରୁଛନ୍ତି ବୋଲି କହି ସେ ମହିଳାଙ୍କ ସମୃଦ୍ଧି କାମନା କରିଥିଲେ। ମନ୍ତ୍ରୀ ରାଉତରାୟ ବିଜୁ ବାବୁ ମହିଳାଙ୍କୁ ମୁକ୍ତି ପ୍ରଦାନ କରିଥିବାବେଳେ ନବୀନ ବାବୁ ସେମାନଙ୍କୁ ଶକ୍ତି ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏମ୍‌ପି ସେଠୀ ନୂଆ ଓଡ଼ିଶା ଗଠନରେ ମହିଳାଙ୍କର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ସଭାନେତ୍ରୀ ତଥା ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ସମାବେଶରେ ସଭାପତିତ୍ୱ କରିଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା ସମାବେଶରେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଜେଡି କର୍ମୀ ଓ ସମର୍ଥକମାନେ ଅତିଥିମାନଙ୍କୁ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।



ମହିଳା ମହାସମାବେଶରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

### ସମାବେଶରେ ୨ ମହିଳା ଅସୁସ୍ଥ

**ବାସୁଦେବପୁର,୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ଯାଦବ ପଡିଆଠାରେ ବିଜେଡିପକ୍ଷରୁ ଶୁକ୍ରବାର ଆୟୋଜିତ ମହିଳା ସମାବେଶରେ ୨ଜଣ ମହିଳା ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ମହିଳାଦ୍ୱୟ ହେଲେ ସୁଦର୍ଶନପୁର ପଞ୍ଚାୟତ ଜଗନ୍ନାଥ ଗ୍ରାମର ମେନକା ରଥ ଓ ନାୟକାଣିଡିହୀ ପଞ୍ଚାୟତର କୌଶଲ୍ୟା ନାୟକ।

# ରାଶନ କାର୍ଡ ବଣ୍ଟନ

**ଧାମନଗର,୨।୧୧(ଡି.ଏନ.ଏ.)**–ଧାମନଗର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଏନ୍‌ଏସି ଅଞ୍ଚଳର ହିତାଧିକାରୀଙ୍କୁ ବୁଧବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଧାୟକଙ୍କ ଦ୍ୱାରା ଭଟ୍ଟସାହି, ନଦୀଗାଁ, ବମକୁରା, ପାଳସାହି ଏବଂ ରଇପୁରରେ ପ୍ରାୟ ୧୨ଶହ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସାହୁ, ଶରତ ମହାନ୍ତି, ମହମ୍ମଦ ସକିଲ ଅହେମଦ, ଏମ୍‌ଡି ଫକିରୁଦ୍ଦିନ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୬୦ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

**ଭଣ୍ଡାରିପୋଖରୀ,୨।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଧୀରେନ୍ଦ୍ର ଦାଶ, ତେସିଙ୍ଗା ସରପଞ୍ଚ ସଙ୍ଗୀତା ଖଣ୍ଡାୟୀ, କ୍ରୀଡ଼ାବିତ୍ ରାଖାଲ ସେଠୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ୨୦ ଉଚ୍ଚ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବିଭାଗରୁ ୬୦ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। କ୍ରୀଡା ଶିକ୍ଷକ ନାରାୟଣ ଚନ୍ଦ୍ର ଜିତେନ୍ଦ୍ର ସାହୁ, ଦେବାଶିଷ ଆଚାର୍ଯ୍ୟ, ପବିତ୍ର ମୋହନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦି ଅଲ ନ୍ୟୁ ସାଣ୍ଟ୍ରୋର ବଜାର ପ୍ରବେଶ

**ଭଦ୍ରକ ଅଫିସ,୨।୧୧**

ଭଦ୍ରକ ଚରମ୍ପାସ୍ଥିତ ପ୍ରିମିୟର ହୁଣ୍ଡାଇ ଶୋରୁମ ପରିସରରେ ଦି ଅଲନ୍ୟୁ ସାଣ୍ଟ୍ରୋର ବଜାର ପ୍ରବେଶ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର ଏବଂ ନିର୍ଦ୍ଦେଶକ ଅଙ୍କିତ୍ ପୋଦାର, ଉଦ୍‌ଘାଟକ ଭାବେ ଭଦ୍ରକ ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଓ ଏମ୍‌ଭିଆଇ ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ଏହାକୁ ବଜାର ପ୍ରବେଶ କରାଇଛନ୍ତି। ଏହି ନୂଆ ମଡେଲ ନୂଆ ଫିଚର୍ସ ଯଥା ମଡର୍ନ ଷ୍ଟାଇଲଶ୍ ଟଲ୍‌ବୟ ଡିଜାଇନ, ନ୍ୟୁ ଏଜ୍ ଟେକ୍‌ନୋଲୋଜି, ଗ୍ରାହକ କେନ୍ଦ୍ରୀୟ ନିରାପତ୍ତା, ଆରାମଦାୟକ କେବିନ୍ ଓ ସମ୍ପୂର୍ଣ୍ଣ ଦକ୍ଷତା, ମନର ଶାନ୍ତି, ଏହାଛଡ଼ା ସ୍ମାର୍ଟ ଅଟେ ବୋଲି ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର କହିଛନ୍ତି। ଏଥିରେ ଥିବା ହୁଣ୍ଡାଇ ସିଗ୍‌ନେଚର୍ କ୍ୟାସ୍‌କେଡ ଗ୍ରିଲ୍ ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରୁଛି। ମଡେଲଟିରେ ପ୍ରଥମ ଥର ପାଇଁ ୧୭.୬୪ ସେମିର ଟଚ୍‌ସ୍କ୍ରିନ୍ ଅଡିଓ ଭିଡିଓ ସିଷ୍ଟମ ଗ୍ରାହକ ପାଇପାରିବେ। କାର୍ଯ୍ୟକ୍ରମରେ ବିଏମ୍ ସୀତାଂଶୁ ଶେଖର ଷଡ଼ଙ୍ଗୀ, ୱାର୍କସ୍ ମ୍ୟାନେଜର ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଦି ଅଲ ନ୍ୟୁ ସାଣ୍ଟ୍ରୋର ବଜାର ପ୍ରବେଶ ଉତ୍ସବରେ ଅତିଥି ଓ କର୍ମଚାରୀ।

## ସିଡିପିଓଙ୍କ କାର୍ଯ୍ୟାଳୟ ଗୃହ ନିର୍ମାଣରେ ବିଳମ୍ବ

**ବନ୍ତ,୨।୧୧(ଡି.ଏନ.ଏ.)**–ବନ୍ତ ବ୍ଲକରେ ଦୀର୍ଘଦିନ ହେବ ଅସୁରକ୍ଷିତ ଘରେ ସିଡିପିଓଙ୍କ କାର୍ଯ୍ୟାଳୟ ଚାଲୁଥିବାବେଳେ ବିପଦପୂର୍ଣ୍ଣ ଭାବେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ଏହି ଗୃହ ନିର୍ମାଣ ପାଇଁ ୧୦ ମାସ ହେବ ଅର୍ଥ ଆସିଥିଲେ ମଧ୍ୟ କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ କରାଯାଇଛି। ନୂତନ ଗୃହ ନିର୍ମାଣ ଦାବିରେ ଶୁକ୍ରବାର ସିଡିପିଓ ରେଣୁବାଳା ଦାଶଙ୍କ ସମେତ ସୁପରଭାଇଜର ସନ୍ଧ୍ୟାରାଣୀ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ଚଣ୍ଡ, ମୀନତି ଦାସ, କ୍ଷଣପ୍ରଭା ବାରିକ, ରେଖା ନାୟକ, କମଳାକାନ୍ତ ଦାସ ପ୍ରମୁଖ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଦୋକାନରୁ ଚୋରି

**ତିହିଡ଼ି,୨।୧୧(ଡି.ଏନ.ଏ.)**–ତିହିଡ଼ି ଥାନା ଫତେପୁର ପଞ୍ଚାୟତ ବଡ଼ଗାଲୋ ଛକରେ ଥିବା ସୁକୁମାର ବେହେରାଙ୍କ ପାନ ଓ ଚା’ ଦୋକାନରୁ ବିଭିନ୍ନ ସାମଗ୍ରୀ ସହ ଟଙ୍କା ଗୁରୁବାର ରାତିରେ ଚୋରି ହୋଇଛି। ସୁକୁମାର ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


@ ରାଜ


@ ଆନନ୍ଦି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ରାଶନ କାର୍ଡ ବଣ୍ଟନରେ ଅନିୟମିତତା

**ପଦ୍ମପୁର/ଚାନ୍ଦବାଲି,୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରାଯାଇଛି। ପରିବାରର ଜଣେ କିମ୍ବା ୨ ଜଣଙ୍କ ନାମ ରଖି ଅନ୍ୟ ସଦସ୍ୟଙ୍କ ନାମ କାର୍ଡରୁ କାଟି ଦିଆଯିବା ସହ ଦଳୀୟ ଭିତ୍ତିରେ କାର୍ଡ ପ୍ରସ୍ତୁତି କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଖରିଦା ବିନାୟକପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ୱାର୍ଡସଭ୍ୟ ସଜନୀ ସାହୁ, ଗଜେନ୍ଦ୍ର ମଳିକ, କୌଶଲ୍ୟା ମଳିକ, ମିନତି ମଳିକ, ଦୀପକ କୁମାର ଦାସ, ମନ୍ଦଦୋରୀ ବେହେରାଙ୍କ ସହ ଶତାଧିକ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଏନେଇ ସେମାନେ ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିବା କହିଛନ୍ତି।

ସେହିପରି ଚାନ୍ଦବାଲି ବ୍ଲକ କଂଗ୍ରେସ ନେତୃତ୍ୱରେ ରାଶନକାର୍ଡ ପାଇବାରୁ ବାଦ୍ ପଡ଼ିଥିବା ଶତାଧିକ ଯୋଗ୍ୟ ହିତାଧିକାରୀ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଘେରିବା ସହ ଧାରଣା ଦେଇଥିଲେ। ହିତାଧିକାରୀ ଚୟନରେ ପାତରଅନ୍ତର ସହିତ ଦଳୀୟ ଭିତ୍ତିରେ ହୋଇଥିବା ଅଭିଯୋଗ କରାଯାଇଥିଲା। କେବଳ ନଳଗୋହିରା ନୁହେଁ ବ୍ଲକର ୩୬ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡ଼ିଥିବାବେଳେ କେତେକ ଅଯୋଗ୍ୟ ହିତାଧିକାରୀ ରାଶନକାର୍ଡ ହାତେଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କଂଗ୍ରେସ ବ୍ଲକ ସଭାପତି ଦିଗମ୍ବର ଦାସ, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ନୁରୁମହମ୍ମଦ ଇସମାଇଲ, ଦିଗମ୍ବର ସାହୁ, ବଦ୍ରି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ପ୍ରତିବାଦରେ ଧାରଣା**

# ବନ୍ଦ କୋଠରିରୁ ଅଧ୍ୟକ୍ଷ ଉଦ୍ଧାର

**ଅଟ୍ଟଳ ବିହାରୀ ମହାବିଦ୍ୟାଳୟ**

- ଅଧ୍ୟାପକ, କର୍ମଚାରୀ-ଅଧ୍ୟକ୍ଷ ମୁହାଁମୁହିଁ
- ସମନ୍ୱୟ ବୈଠକ କରି ବୁଝାଇଲେ ତହସିଲଦାର

**ବାସୁଦେବପୁର,୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଟ୍ଟଳ ବିହାରୀ ମହାବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ଓ ବିବାଦୀୟ ସ୍ଥିତି ପୁଣି ଜଟିଳ ରୂପ ନେଇଛି। ଶୁକ୍ରବାର କଲେଜ ଷ୍ଟାଫ କମିଟିର ବୈଠକ ବସିଥିବା ବେଳେ ଅଧ୍ୟକ୍ଷ ଡା. ମନୋରଞ୍ଜନ ମିଶ୍ରଙ୍କ ସହ କେତେକ କର୍ମଚାରୀ ଓ ଅଧ୍ୟାପିକା ଅଧ୍ୟାପକଙ୍କର କଥା କଟାକଟି ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅଧ୍ୟକ୍ଷ ମିଶ୍ର ବିରକ୍ତି ପ୍ରକାଶ କରି ବୈଠକରୁ ପଳାଇ ଯାଇଥିଲେ। ପରେ ମହାବିଦ୍ୟାଳୟ ବିଜ୍ଞାନ ଭବନର ଏକ କୋଠରି ମଧ୍ୟରେ ଅଧ୍ୟକ୍ଷ ରହିଥିବା ଏବଂ ବାହାରୁ ତାଲାପଡିଥିବା ଜିଲାପାଳ, ଉପଜିଲାପାଳଙ୍କୁ ଖବର ମିଳିଥିଲା। ତଦନୁଯାୟୀ ତହସିଲଦାର ପ୍ରକାଶ ରାଉଳ ସେଠାରେ ପହଞ୍ଚି ସନ୍ଧ୍ୟା ୬ଟା ବେଳେ ବନ୍ଦ କୋଠରିରୁ ତାଙ୍କୁ ଉଦ୍ଧାର କରିଥିଲେ। ଏଭଳି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ମହାବିଦ୍ୟାଳୟ ସମସ୍ୟାକୁ ନେଇ ଅଧ୍ୟାପକ ଓ କେତେକ କର୍ମଚାରୀ ଗୋଟିଏ ପଟେ ରହିଥିବାବେଳେ ଅଧ୍ୟକ୍ଷ ଓ ଅନ୍ୟ କେତେକ କର୍ମଚାରୀ ଅନ୍ୟପଟେ ରହିଛନ୍ତି। ଏଭଳି ଗୋଷ୍ଠୀଗତ ବିବାଦ ମହାବିଦ୍ୟାଳୟ ଲାଗି ଅଧିକ ସମସ୍ୟା ସୃଷ୍ଟି କରୁଛି। ଶୁକ୍ରବାର କଲେଜର ଷ୍ଟାଫ କମିଟି ବୈଠକରେ ଉଚ୍ଚବାଚ ହେବା ପରେ ଅଧ୍ୟକ୍ଷଙ୍କୁ କିଏ କିପରି ତାଲା ବନ୍ଦ କରି ରଖିଲା, ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ। ତହସିଲଦାର ରାଉଳ ଅଧ୍ୟକ୍ଷଙ୍କୁ ଉଦ୍ଧାର କରିବା ପରେ ତାଙ୍କ ସମେତ ଅଧ୍ୟାପକ, କର୍ମଚାରୀଙ୍କୁ ଡାକି ସମନ୍ୱୟ ବୈଠକ କରି କଲେଜ କିପରି ସୁରୁଖୁରୁରେ ଚାଲିବ ସେ ସମ୍ପର୍କରେ ବୁଝାଇଛନ୍ତି। ଅଧ୍ୟକ୍ଷ ମିଶ୍ରଙ୍କୁ ପଚାରିବାରୁ କେତେକ ଅଧ୍ୟାପକ ଓ କର୍ମଚାରୀ ଅନୁଶାସନ ଓ ନୀତି ନିୟମ ମାନୁ ନ ଥିବା ଏବଂ ଏ ବାବଦରେ ସେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି।

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସଜନାଗଡ଼, ୨।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟର ବରିଷ୍ଠ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଡ. ଉମାକାନ୍ତ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଦାସଙ୍କୁ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ, ଜୀବବିଜ୍ଞାନ ବିଭାଗ, ବାଣିଜ୍ୟ ବିଭାଗ ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଦାସଙ୍କର ୩୭ ବର୍ଷ ଚାକିରି ଜୀବନ କାଳରେ ୨୭ବର୍ଷ ନୀଳଗିରି ମହାବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଫକୀରମୋହନ ମହାବିଦ୍ୟାଳୟରେ ଦୁଇଥର ନିର୍ବାଚିତ ସିଣ୍ଡିକେଟ୍ ସଦସ୍ୟ, ସର୍ବଭାରତୀୟ ରାଜନୀତି ବିଜ୍ଞାନ ସଂଘର କାର୍ଯ୍ୟକାରୀ ସଦସ୍ୟ, ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ଉପସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରି ରାଜ୍ୟ ତଥା ଦେଶରେ ନୀଳଗିରି ମହାବିଦ୍ୟାଳୟ ପାଇଁ ବହୁ ଗର୍ବ ଓ ଗୌରବ ଆଣିଛନ୍ତି।

### ସଦର ବ୍ଲକ ଘେରାଉ ଆଜି

**ବାଲେଶ୍ୱର ଅଫିସ,୨।୧୧:** ଭାରତୀୟ ଜନତା ପାର୍ଟି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଆସନ୍ତା ୩ ତାରିଖ ସଦର ବ୍ଲକ ଘେରାଉ କରାଯିବ। ଏ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଜିଲା କାର୍ଯ୍ୟାଳୟରେ ବସିଥିଲା। ଜିଲାସଭାପତି ମଦନ ମୋହନ ଦତ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଜେଡି ସରକାରର ସ୍ଥାଣୁତା, ଅପାରଗତା ଏବଂ ଦୀର୍ଘବର୍ଷ ଶାସନ ପରେ ସୃଷ୍ଟି ହୋଇଥିବା ଅରାଜକତାକୁ କେନ୍ଦ୍ର କରି ଭାଜପା ସାରାରାଜ୍ୟରେ ଚଳାଇଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସୂଚନା ଦିଆଯାଇଥିଲା। ବୁଆଁଳ ସମିତିସଭ୍ୟ ତଥା ଭାଜପା ସଦର ବ୍ଲକ ସଭାପତି ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ବିଜୟ ଦାସ, ତପନ ଗିରି, ଅନିଲ ପାତ୍ର, ଅଜୟ ସାହୁ, ଲୋକନାଥ ଭୂୟାଁ, ମନ୍ମୟ ଦାସ, ରଶ୍ମିରଞ୍ଜନ ଜେନା, ସିତାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ଅନ୍ୱେଷଣ ଲାଗି 'କଳା ଉତ୍ସବ'

**ବାଲେଶ୍ୱର ଅଫିସ,୨।୧୧**

ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା କଳା ପ୍ରତିଭା ଅନ୍ୱେଷଣ ଲାଗି ଏଠାରେ ଜିଲାସ୍ତରୀୟ 'କଳା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସ୍ଥିତ ଜୁନିୟର ରେଡକ୍ରସ୍ ଭବନ ପରିସରରେ ଶୁକ୍ରବାର ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ର ଭାଗ ନେଇଥିଲେ। ଯନ୍ତ୍ର ସଙ୍ଗୀତ, କଣ୍ଠ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ଭଳି ୪ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପୂର୍ବରୁ ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରତ୍ୟେକ ବିଭାଗରୁ ଜଣେ ଲେଖାଏ ବାଳିକା ଓ ବାଳକ ଜୋନ୍‌ସ୍ତରୀୟ ଉତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଥିଲେ। ଯନ୍ତ୍ର ସଙ୍ଗୀତରେ ଜଳେଶ୍ୱର ଏସ୍.ସି. ଦେବ ହାଇସ୍କୁଲର ପଙ୍କଜ କୁମାର ଦାସ ଓ ନୀଳଗିରି ରତ୍ନାକର ଟାଉନ୍ ହାଇସ୍କୁଲର ତୃଷ୍ଣା ଗିରି, କଣ୍ଠ ସଙ୍ଗୀତରେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଲତିକା ମହାନ୍ତି ଓ ନୀଳଗିରି ରତ୍ନାକର ଟାଉନ୍ ହାଇସ୍କୁଲର ସତ୍ୟବ୍ରତ ଜେନା, ଚିତ୍ରାଙ୍କନରେ ରେମୁଣା ହାଇସ୍କୁଲର ଯାମିନୀ କୃଷ୍ଣା ଦାସ ଓ ବାଲେଶ୍ୱର ଟାଉନ୍ ହାଇସ୍କୁଲର ଭବେଶ କୁମାର ବିଶ୍ୱାଳ ଏବଂ ନୃତ୍ୟରେ ଖଇରା ସରକାରୀ ହାଇସ୍କୁଲର ସରଗମ ସତ୍ୟବ୍ରତ ସାହୁ ଓ ମାର୍କୋଣା ଆର.ଏନ୍. ହାଇସ୍କୁଲର ସ୍ମିତା ବାରିକ କୃତିତ୍ୱ ହାସଲ କରିଥିଲେ।




ଜିଲାସ୍ତରୀୟ କଳା ଉତ୍ସବରେ ମଞ୍ଚାସୀନ ଅତିଥି।

ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଏହି ଉତ୍ସବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ମିଶନ ତରଫରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ, ଜିଲା ବିଜ୍ଞାନ ପରିଦର୍ଶକ କମଳ ବିହାରୀ ଦାସ, ବିଚାରକ ମଣ୍ଡଳୀ ଶିଳ୍ପୀ କେଶୁ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ନୃତ୍ୟଶିଳ୍ପୀ ବସନ୍ତ କୁମାର ଭୋଇ ଓ ଚିତ୍ରଶିଳ୍ପୀ ପୂର୍ଣ୍ଣେନ୍ଦୁ ପ୍ରକାଶ ପତି ପ୍ରମୁଖ ଯୋଗଦେଇଥିଲେ। ସଦର ବିଇଓ ପ୍ରଶାନ୍ତ କୁମାର ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବସ୍ତା ନୋଡାଲ ଅଫିସର ଶ୍ରୀପତି ଚରଣ ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

■ ପିଏକ୍ସଇର ୧୨୪ତମ ପ୍ରତିଷ୍ଠା ଦିବସ

# ଜମିଲା ପରିବାର ସଦସ୍ୟଙ୍କୁ ନେଇ ପ୍ରତିଯୋଗିତା



ପିଏକ୍ସଇର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ, ୨।୧୧**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପିଏକ୍ସଇ (ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ (ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନା) ୧୨୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ପରିବାରର ମହିଳାଙ୍କ ଦ୍ୱାରା ବାସ୍କେଟବଲ, କର୍ମଚାରୀ ଏବଂ ଅଧିକାରୀମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍, ସ୍ଲୋ ସାଇକେଲ ରେସ, ପେଣ୍ଡୁ ଫିଙ୍ଗା ଖେଳ (ବଲ୍ ଥ୍ରୋଇଙ୍ଗ୍ ଦ ହୋଲ୍) ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଏକ୍ସଇ ନିର୍ଦ୍ଦେଶକ ବୈଜ୍ଞାନିକ ଦତ୍ତାତ୍ରେୟ କ୍ରିଷ୍ଣାକାନ୍ତ ଯୋଶୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ପିଏକ୍ସଇର ସର୍ବାଙ୍ଗୀନ ଉନ୍ନତି ପାଇଁ ମନୋନିବେଶ କରି କର୍ମଚାରୀ ଏବଂ ବୈଜ୍ଞାନିକମାନେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଚେୟାରମ୍ୟାନ ବୈଜ୍ଞାନିକ ପ୍ରଣବ କୁମାର ଦାସ, ସହ ନିର୍ଦ୍ଦେଶକ ବୈଜ୍ଞାନିକ ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଚଳିତବର୍ଷ ଶ୍ରେଷ୍ଠ ବୈଜ୍ଞାନିକ ଭାବରେ ଡ. ହିମାଂଶୁ ଶେଖର ପଣ୍ଡାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କର୍ମଚାରୀ ଏବଂ ଅଧିକାରୀଙ୍କ ପରିବାରବର୍ଗଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରଟିଣାରେ ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣପର୍ବ ପରେ ବିଧାୟକଙ୍କ ସହିତ ଯୋଗଦେଇଥିବା ନୂତନ କର୍ମୀ।

**ଖଇରା, ୨।୧୧ (ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତରେ ଶୁକ୍ରବାର ବିଜେଡିର ପଦଯାତ୍ରା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହଜାରେରୁ ଊର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ଶୋଭାଯାତ୍ରା ତୁମ୍ବାପଦିରୁ ବାହାରି ରଟିଣା ଶିବ ମନ୍ଦିର ନିକଟରେ ପହଞ୍ଚିଥିଲା। ପରେ ଅନୁଷ୍ଠିତ ସଭାରେ ବିଜେଡି ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପଞ୍ଚାୟତ ସଭାପତି ନିରଞ୍ଜନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ମହଲା, ବର୍ତ୍ତନା ସରପଞ୍ଚ ସୁଶାନ୍ତ କୁମାର ମିଶ୍ର, ସମିତିସଭ୍ୟ ରଘୁନାଥ ପଣ୍ଡା, ଗଡପୋଖରୀ ଗ୍ରାମର ବିଜେଡି ନେତା ବିଜୟ ବାରିକ, ମହିଳା ମହାସଂଘ ସଭାପତି ରଶ୍ମିତା ମହାପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୭ନଂ. ୱାର୍ଡର ସଭ୍ୟ ରମେଶ ମହାକୁଡ, ଉପେନ୍ଦ୍ର ମଲ୍ଲିକ, ନରହରି ସାହୁ, ଶତ୍ରୁଘ୍ନ ସାହୁ, ଅମର ନାୟକ, ଉପେନ୍ଦ୍ର ମହାକୁଡ, କୈଳାସ ଚନ୍ଦ୍ର ବେହେରା, ବାବୁ ପରିଡା, ହରେକୃଷ୍ଣ ନାୟକ ପ୍ରମୁଖ କଂଗ୍ରେସ ଛାଡି ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ ପରେ ବିଧାୟକଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାପଘରେ ବିବାହିତା କନ୍ୟାଙ୍କ ଆତ୍ମହତ୍ୟା

**ସୋର, ୨।୧୧(ଡି.ଏନ.ଏ.):** ସୋର ଥାନା ଅନ୍ତର୍ଗତ ସରଶଙ୍ଖ ଗ୍ରାମର ମମତା ବେହେରା ନାମକ ଜଣେ ବିବାହିତା ଯୁବତୀ ବାପ ଘରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସୋର ଥାନା ଦାଣ୍ଡହରିପୁର ଗ୍ରାମର ଅମୂଲ୍ୟ ମଲିକଙ୍କ ସହିତ ଗତ ୫ମାସ ପୂର୍ବେ ବିବାହ କରିଥିଲେ। ସ୍ୱାମୀ ଭରତ ବମ୍ବେରେ ରହୁଥିବାରୁ ପତ୍ନୀ ମମତାଙ୍କୁ ବାପ ଘରେ ଛାଡ଼ି ଦେଇଥିଲେ। ସୋର ପୋଲିସ ସୋର ଡାକ୍ତରଖାନରେ ଶବ ଜବତ କରିଛି।

# ନୀଳଗିରି ଛାଡ଼ିଲେ ହାତୀପଲ

**ସଜନାଗଡ଼, ୨।୧୧(ଡି.ଏନ.ଏ.)**

ଝାଡ଼ଖଣ୍ଡ ରାଜ୍ୟର ଦଲମା ଅଭୟାରଣ୍ୟରୁ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ହାତୀ ପଲ ରେମୁଣାରୁ ଦୁର୍ଗାଦେବୀ ଦେଇ ନୀଳଗିରି ବ୍ଲକର କୁହ୍ଲାଟ ବରହମପୁର ଦେଇ ନୀଳଗିରିକୁ ପ୍ରବେଶ କରି ପୁନ୍ଦାଳ, ରାଧାକିଶୋରପୁର, ନଡୁଆପାଳ, କାଂଶ, କାଠପାଳ, ଅଯୋଧ୍ୟା, ମହିଷାପଟା ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିଲେ। ଦିନତମାମ ହାତୀପଲ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ରହିବା ପରେ ସନ୍ଧ୍ୟା ପରେ ତୁଳସୀଡିହା ଗ୍ରାମ ଆଡ଼କୁ ଯାଇଥିଲେ। ସେମାନଙ୍କୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଲାଇଟ, ବାଣ, ବାଜା ବଜାଯାଇଥିଲା। ପରେ ହାତୀଗୁଡ଼ିକ ତିନିକୋଶିଆ ସଂରକ୍ଷିତ ଜଙ୍ଗଲର ଭାଲୁକାଶୁଣି, ଗରଡିହି, ନରଣପୁର ଅଞ୍ଚଳରେ ତାଣ୍ଡବ ଚଳାଇଥିଲେ। ଅପରାହ୍ନ ୫ଟାରେ ପାଇଲଟ ଦନ୍ତା ଆଗେ ବାହାରିବାରୁ ପଛରେ ହାତୀପଲ ଜଡ଼ିବାଲି, ବଣଭୂଇଁ, ତେରେଲଡିହି, ହାତୀମୁଣ୍ଡା, ତୁଳସିଡିହା, ବିଜିରାସାହି, ନରଣପୁର, ଗୋପାଳପୁର ଅଯୋଧ୍ୟା, ମହିଷାପଟା, କାଠପାଳ, ମଛୁଆ, ରାଧାକିଶୋରପୁର, କୁହ୍ଲାଟବରହମପୁର ଦେଇ ରାତି ୧୦ଟାରେ ନୀଳଗିରି ସୀମା ପାର ହୋଇ ରେମୁଣାର ଦୁର୍ଗାଦେବୀକୁ ପଳାଇଯାଇଥିବା ଜଣାପଡ଼ିଛି । ୪ଦିନ ହାତୀ ରହଣି ଭିତରେ ନୀଳଗିରି ବ୍ଲକର ରାଧାକିଶୋରପୁର, କୁହ୍ଲାଟବରହମପୁର,



ନୀଳଗିରିରୁ ହାତୀପଲ ଫେରି ଯାଉଛନ୍ତି।

## ଆଶ୍ୱସ୍ତ ବନବିଭାଗ ଓ ବନାଞ୍ଚଳବାସୀ

କାଂଶ, କାଠପାଳ, ନରଣପୁର , ଗେଣ୍ଡ୍ରାସାହି, ଦଲକିସାହି, ମଛୁଆ, ମହିଷାପଟା, ଅଯୋଧ୍ୟା, ଜଡ଼ିବାଲି, ଭଉଁରିଆବାଡ଼, ହାତୀମୁଣ୍ଡା, ତେରେଲଡିହି, ତୁଳସୀଡିହା, ବିଜିରାସାହି, ସାତରାଣ୍ଡ ଆଦି ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରୁଥିବାରୁ ବନାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ନୀଳଗିରି ରେଞ୍ଜର ସୁକୁମାର ଦାସ, ଏସ୍‌ସିଏଫ୍ ତଥା ଭାରପ୍ରାପ୍ତ କୁଲଡିହା ରେଞ୍ଜର ଲକ୍ଷ୍ମଣ ପ୍ରଧାନ, ବାଲେଶ୍ୱର ରେଞ୍ଜର ଦେବେନ୍ଦ୍ର ନାଥ ପାତ୍ରଙ୍କ ସମେତ ୫ଟି ଟିମ୍‌ରେ ୮୫ରୁ ଊର୍ଦ୍ଧ୍ୱ ବନକର୍ମଚାରୀ ନିୟୋଜିତ ହୋଇଛନ୍ତି।




## ବିଜେଡି ସରକାର ବିରୋଧରେ ଗର୍ଜିଲା ଭାଜପା

**ଔପଦା, ୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସମ୍ମୁଖରେ ଭାଜପା ଔପଦା ବ୍ଲକ ମଣ୍ଡଳ ତରଫରୁ ଏକ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ହଜାର ହଜାର ଦଳୀୟ ସଭ୍ୟ, ସମର୍ଥକ ବିଶାଳ ଶୋଭାଯାତ୍ରାରେ ମାଟିଗଡ଼ା ଗଡ଼େଶ୍ୱର ମହାଦେବଙ୍କଠାରୁ ବାହାରି ଔପଦା ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ବ୍ଲକ ଶାଖା ସାଧାରଣ ସମ୍ପାଦକ ବଳରାମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶାରେ ଚଟୁ ଆମିଷ, ବେଷ୍ଟ ନିରାମିଷ ନୀତିରେ ନବୀନବାବୁଙ୍କ ପିସି ସରକାର ଚାଲିଛି ବୋଲି କହିଥିଲେ। ବିଶିଷ୍ଟ ଯାତ୍ରା କଳାକାର ଦୈତାରୀ ପଣ୍ଡା ଯୋଗଦେଇଥିଲେ। ନାରୀନେତ୍ରୀ ସିପ୍ରା ବାଜପେୟୀ ଓ ଶାନ୍ତିଲତା ଲେଙ୍କା ଓଡ଼ିଶାରେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ନ ହେବା ପ୍ରସଙ୍ଗ ଉଠାଇ ସମାଲୋଚନା କରିଥିଲେ। ଯୁବନେତା ରବି ନାରାୟଣ ବେହେରା, ସୁରେଶ ରାଉଳ, ଜିତେନ୍ଦ୍ର ବିଶ୍ୱାଳ, ସମିତି ସଭ୍ୟ ଅରୁଣ ବେହେରା, ଅଜୟ ପ୍ରଧାନ, ଅଭୟ ମିଶ୍ର ପ୍ରମୁଖ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଭାଜପା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଏହାପରେ ପ୍ରତିନିଧି ଦଳ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବେଳାଭୂମି କଲେଜରେ ଓଡ଼ିଆ ବିଭାଗର ପାଠଚକ୍ର

**ବାହାନଗା, ୨।୧୧(ଡି.ଏନ.ଏ.)**

ବାହାନଗା ବ୍ଲକ ଅଭଣାସ୍ଥିତ ବେଳାଭୂମି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର 'ସୁନାପୁଟର ଲୋକେ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଡ. ବନମାଳୀ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଷୟ ବିଶାରଦ ଭାବେ ବିଶ୍ରା ରାଉରକେଲାର ଏସ୍.ଆର. ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ନଗେନ୍ ଚନ୍ଦ୍ର ଦାସ ଯୋଗଦେଇ ଔପନ୍ୟାସିକ ହୃଷୀକେଶ ପଣ୍ଡାଙ୍କ ଉପନ୍ୟାସର ବିକଳ୍ପ ଦିଗ ସମ୍ବନ୍ଧରେ ଆଲୋପାତ କରିବା ସହିତ 'ସୁନାପୁଟର ଲୋକେ'ର ଜନଜାତି ଜୀବନଚର୍ଯ୍ୟାର ବାସ୍ତବତା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ, ହୃଷୀକେଶ ପଣ୍ଡାଙ୍କ ଉପନ୍ୟାସର ଭାବଭୂମି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଅଭୟ କୁମାର ଦାସ ଆଦିବାସୀ ଉପନ୍ୟାସର ବିକାଶ ଧାରା ଏବଂ 'ସୁନାପୁଟର ଲୋକେ' ସୃଷ୍ଟି ସାର୍ଥକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶୁଚିସ୍ମିତା, ବିନ୍ଦୁ, ମଧୁସ୍ମିତା ଓ ଦୀପାଞ୍ଜଳି ପ୍ରମୁଖ ଏଥିରେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଦୀପ, ପ୍ରଦୀପ୍ତ, ସୁଧିରଞ୍ଜନ, ନମିତା, ମନୀଷା, ଚିନ୍ମୟୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ବେତନଟୀ,୨।୧୧ (ଡ଼ି.ଏନ.ଏ):** ବେତନଟୀ ଥାନା ଅଧୀନ ଇଦର ଗ୍ରାମର ଉପେନ୍ଦ୍ର ମୁର୍ମୂ ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ଶୁକ୍ରବାର ବେତନଟୀ ଥାନାରେ ଅଭିଯୋଗ ହୋଇଛି। ଉପେନ୍ଦ୍ରଙ୍କ ସ୍ତ୍ରୀ ପଦ୍ମିନୀଙ୍କ ଅଭିଯୋଗକୁ ଭିତ୍ତି କରି ଶୁକ୍ରବାର ବେତନଟୀ ଥାନାରେ ମାମଲା (ନଂ ୧୪୫/୧୮) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଉପେନ୍ଦ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୂର୍ବରୁ ଗ୍ରାମ ସଭା ବସିଥିଲେ ମଧ ଘଟଣାର ସମାଧାନ ହୋଇ ପାରି ନ ଥିଲା।

### ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା ଅଫିସ,୨।୧୧:** ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସର ମିଳିତ ଜନଶୁଣାଣି ଶିବିର ପାଇଁ କାର୍ଯ୍ୟସୂଚୀ ଆୟୋଜିତ ହୋଇଯାଇଛି। ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିର ପ୍ରଥମ ସୋମବାର ୫ତାରିଖରେ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସେହିପରି ୧୨ତାରିଖ ଦ୍ୱିତୀୟ ସୋମବାର ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ତୃତୀୟ ସୋମାବାର ୧୯ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ୨୬ତାରିଖ ଚତୁର୍ଥ ସୋମବାର କପ୍ତିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ଜନସାଧାରଣମାନେ ନିଜର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଲିଖିତ କିମ୍ବା ମୌଖିକ ଅଭିଯୋଗ କରିପାରିବେ। ଏହି ଶିବିରରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### କ୍ୟାମ୍ପକୋର୍ଟରେ ୩୧ ଜଣଙ୍କୁ ଜାମିନ୍

**ଉଦଲା,୨।୧୧ (ଡିଏନଏ):** ଆଇନଜୀବୀଙ୍କୁ ପୋଲିସ୍‌ର ମାଡ ଘଟଣାରେ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ କ୍ୟାମ୍ପକୋର୍ଟ ଚାଲିଛି। ଶୁକ୍ରବାର ଉଦଲା ଉପକାରାଗାରରେ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଛି । ଏସଡିଜେଏମ୍ ଏବଂ ସବଜଜ୍ ଦୁଇ ଗୋଟି ଅଦାଲତରେ ଶୁଣାଣୀ କରି ସମୁଦାୟ ୩୧ ଜଣଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି । ନିମ୍ନ ଅଦାଲତରେ ୨୯ ଜଣ ଏବଂ ଆସିଷ୍ଟାଣ୍ଟ ସେସନ ଜଜ ଅଦାଲତରେ ୨ ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି । ଏହି ଜାମିନ ମିଳିବା ପରେ ଜେଲରୁ ମୁକୁଳିଥିବା ବ୍ୟକ୍ତିଙ୍କ ପରିବାର ଲୋକେ ଆଶ୍ୱସ୍ତି ପାଇଛନ୍ତି । ଏସଡିଜେଏମ୍ ସନ୍ତୋଷ କୁମାର ମହାପାତ୍ର ଏବଂ ସବ ଜଜ୍ ଚିନ୍ମୟ କୁମାର ମିଶ୍ରା ଏହି ଶୁଣାଣି କରିଛନ୍ତି ।କୋର୍ଟରେ ୨୬ଜଣଙ୍କୁ ଜାମିନ୍ ମିଳିଛି।

### ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ବାରିପଦା ଅଫିସ,୨।୧୧:** ରାଜ୍ୟ ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନର ସହାୟତାରେ ବାରିପଦା ରଘୁନାଥପୁରଠାରେ ଥିବା ରୋଜ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ପୁନର୍ବାସ ଥଇଥାନ କେନ୍ଦ୍ରର ମନସ୍ତତ୍ତ୍ୱବିତ ଚନ୍ଦ୍ରଶେଖର ନାୟକ, ରେଖାରାଣୀ ଦାସ, ସ୍ଥାନୀୟ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ରୋଜର ଉପସଭାପତି ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ପଦ୍ମଲୋଚନ ମହାନ୍ତ ଯୋଗଦେଇ କର୍ମଶାଳା ଉପରେ ମତବ୍ୟକ୍ତ କରିଥିଲେ।

### ୧୦ରେ ଆଥଲେଟିକ ଆସୋସିଏଶନ ବୈଠକ

**ବାରିପଦା ଅଫିସ,୨।୧୧:** ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଉକ୍ତ ଦିନ ଅପରାହ୍ନ ୪ ଟାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଜିଲାପାଳ ତଥା ଆସୋସିଏଶନର ସଭାପତିଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ସମ୍ପାଦକଙ୍କ ବାର୍ଷିକ ବିବରଣୀ, ଆୟବ୍ୟୟର ଅଟକଳ, ସଭ୍ୟ ଦେୟ ପାଣ୍ଠି ଏବଂ ଆସୋସିଏଶନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି।

# ମଞ୍ଚା ଉପରେ ବିତୁଛି ରାତି

**ବିଶୋଇ, ୨।୧୧**

■ଶିମିଳିପାଳ ପାଦଦେଶରେ ହାତୀ ଭୟ
■ଉଜୁଡି ଯାଉଛି ଫସଲ, ପ୍ରତିକାର ନାହିଁ

ବିଲବାଡିରେ ଧାନ ଥୋଡ ଧରି ପାଚିବା ଆରମ୍ଭ କରିଥିବାରୁ ଶିମିଳିପାଳ ଅଭୟାରଣ୍ୟର ହାତୀପଲ ଏବେ ଗାଁ ମୁହାଁ। ଅଭୟାରଣ୍ୟର ପାଦଦେଶରେ ଥିବା ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକରେ ହାତୀ ଉପଦ୍ରବ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ବନ ବିଭାଗ ହାତୀ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଲୋକେ ଜମି ସଂଲଗ୍ନ ଗଛରେ ମଞ୍ଚା ବାନ୍ଧି ରାତି ଅନିଦ୍ରା ରହି ଫସଲ ଜଗୁଛନ୍ତି। ହାତୀ ବ୍ୟତୀତ ଅନ୍ୟ କେତେକ ବନ୍ୟପ୍ରାଣୀ ମଧ ଫସଲ ଉଜାଡୁଛନ୍ତି। ପ୍ରତି ବର୍ଷ ଜଙ୍ଗଲ ତଳି ଇଲାକାରେ ଏଭଳି ସମସ୍ୟା ଲାଗି ରହିଥିଲେ ମଧ ଏହାର କୌଣସି ପ୍ରତିକାର ହେଉନାହିଁ।

ବିଶୋଇ ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥଠାରୁ ୧ କି.ମି ଦୂରରେ ରହିଛି ଖଡମବେଡା ପଞ୍ଚାୟତ। ଏହି ପଞ୍ଚାୟତ ଅଧୀନ ବାଡୁଣିଆ ଗାଁକୁ ଲାଗି ରହିଛି ବାମନଘାଟି ଜଙ୍ଗଲ। ଖଡମବେଡା ଓ ମଙ୍ଗଳବେଣ୍ଟା ପୋଖରିଆ ଅଞ୍ଚଳରେ ଗତ ୨ ଦିନ ହେବ ହାତୀଙ୍କ ଗତାଗତ ବୃଦ୍ଧି ପାଇଛି। ଧାନ ଜମିରେ ପଶି ହାତୀ ପଲ ଫସଲ ଉଜାଡି ସାରିଛନ୍ତି। ବାଡୁଣିଆ ଗାଁ ନିକଟରେ ଚାଷୀମାନେ ୨୦ରୁ ଉର୍ଦ୍ଧ୍ୱ ମଞ୍ଚା କରି ଫସଲ ଜଗୁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହେଲେ ଚାଷୀମାନେ ହାତରେ ଟର୍ଚ୍ଚ ଲାଇଟ ଓ ଟିଣ ବାଜା ଧରି ମଞ୍ଚା ଉପରେ ଚଢି ପହରା ଦେଉଥିବା କହିଛନ୍ତି।

ବିଶୋଇ ଅଞ୍ଚଳରେ ଥିବା ଫରେଷ୍ଟ ରେଞ୍ଜରେ ସମୁଦାୟ ୫ ଟି ସେକ୍ସନ ଓ ୧୬ ଟି ବିଟ୍ ରହିଛି । କେତୋଟି ହାତ ଗଣତି ଅଞ୍ଚଳକୁ ଛାଡିଦେଲେ ଏହି ବ୍ଲକ ଅଧୀନ ଖଡମବେଡା, ଏନ.ବି ପୋଖରିଆ, ଜୁଡ଼ିଆ, ନୂଆଗାଁ, ବାଉତିବେଡା, ଲୁହାକାନି ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଧାନ ଚାଷ ଏହି ଅଞ୍ଚଳର ଲୋକଙ୍କ ମୁଖ୍ୟ ଜୀବିକା। ପ୍ରତିକୂଳ ପାଣିପାଗ ଓ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରି ଚାଷୀମାନେ ବହୁ କଷ୍ଟରେ ଚାଷ କରୁଛନ୍ତି। ଏବେ ଦରପାଚିଲା ଧାନ କ୍ଷେତରେ ହାତୀପଲ ପଶି ଧାନ ଗଛ ଖାଇବା ସହିତ ଜମିକୁ ଦଳି ଚକଟି ନଷ୍ଟ କରି ଦେଉଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଉ ନାହିଁ କି କ୍ଷତିପୂରଣ ଦିଆଯାଉ ନାହିଁ। ଏଭଳି ସ୍ଥିତିରେ ଜମି ନିକଟରେ ମଞ୍ଚା ତିଆରି କରି ଫସଲ ଜଗିବା ଛଡା ଅନ୍ୟ ବାଟ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଶିମିଳିପାଳ ପାଦଦେଶବର୍ତ୍ତୀ ବିଭିନ୍ନ ଗାଁଗଣ୍ଡାକୁ ଗଲେ ବାଡୁଣିଆ ଗାଁ ଭଳି ଅନେକ ସ୍ଥାନରେ ଚାଷ ଜମିରେ ମଞ୍ଚା ହୋଇଥିବା ଦେଖିବାକୁ ମିଳିଥାଏ। ହାତୀ ପଲ ମଧ ବିଭିନ୍ନ ସମୟରେ ଜାତୀୟ ରାଜପଥ ଉପରକୁ ଚାଲି ଆସିଥାନ୍ତି। ସେମାନେ ବିଭିନ୍ନ ଗାଁରେ ପଶି ଲୋକଙ୍କ ଘର ଭାଙ୍ଗି ଧାନଚାଉଳ ଖାଇ ନଷ୍ଟ କରି ଦେଇଥାନ୍ତି । ମାଟି ଘରେ ରହୁଥିବା ଲୋକେ ହାତୀ ଭୟରେ ରାତିରେ ଶୋଇ ବସି ପାରୁ ନ ଥିବା କହିଛନ୍ତି।

ବନ ବିଭାଗ ରିପୋର୍ଟ ଅନୁଯାୟୀ ଏହି ରେଞ୍ଜ ରେ ଗତ ୩ ବର୍ଷରେ ହାତୀ ଉପଦ୍ରବ ଯୋଗୁ ଜଣଙ୍କର ଜୀବନ ଯାଇଥିବା ବେଳେ ବହୁ ଫସଲ ଉଜୁଡି ଯାଇଛି। ୨୦୧୬-୧୭ ରେ ୩୭୦, ୨୦୧୭-୧୮ରେ ୯୮ ଚାଷୀଙ୍କୁ ନାମକୁମାତ୍ର କ୍ଷତିପୂରଣ ଦିଆଯାଇଛି। ଚଳିତବର୍ଷ ଘଟିଥିବା କ୍ଷୟକ୍ଷତିର ଏଯାଏ ଆକଳନ ହୋଇନାହିଁ। ଆକଳନ ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବଶୀଘ୍ର ସହାୟତା ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ବିଶୋଇ ଫରେଷ୍ଟ ରେଞ୍ଜର ତପନ କୁମାର ମିଶ୍ର କହିଛନ୍ତି, ହାତୀ ଆସିଥିବା ଖବର ମିଳିବା ମାତ୍ରେ ସେମାନେ ପହଞ୍ଚି ହାତୀ ଘଉଡାଉଛନ୍ତି। କ୍ଷୟକ୍ଷତି ହେଲେ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ନିମନ୍ତେ ଚେଷ୍ଟା କରାଯାଉଛି। ଚାଷୀ ଚୁନୁରାମ କିସ୍କୁ ଓ ମାଧବ ମହାନ୍ତ କୁହନ୍ତି, ବନ ବିଭାଗ ଠିକ୍ ସମୟରେ ପହଞ୍ଚୁ ନ ଥିବାରୁ ମଞ୍ଚା ଉପରେ ରାତି ତମାମ ଚାଷଜମି ଜଗିବାକୁ ବାଧ ହେଉଛୁ।


ବିଶୋଇ ବ୍ଲକ ବାଡୁଣିଆ ଗାଁରେ ଚାଷୀମାନେ କରିଥିବା ମଞ୍ଚା।

### ମହିଳାଙ୍କୁ ବଳାତ୍କାର ଘଟଣା: ୩ଗିରଫ

**ବଡ଼ସାହି,୨।୧୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ଜଣେ ମହିଳା ଗୁରୁବାର ବଡସାହି ବ୍ଲକରେ ଥିବା ନିଜ ବନ୍ଧୁ ଘରକୁ ବୁଲିବାକୁ ଆସି ବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ବଡ଼ସାହି ପୋଲିସ ୮ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ କରି ଶୁକ୍ରବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଟିକାୟତପୁର ଗ୍ରାମର କୁଶ ବିନ୍ଧାଣୀ , କାନ୍ଦରା ରଣା ଓ ତାଙ୍କର ପତ୍ନୀ ସରସ୍ୱତୀ । ପୀଡ଼ିତା ଓ ମୁଖ୍ୟ ଅଭିଯୁକ୍ତ କୁଶଙ୍କର ଡ଼ାକ୍ତରୀ ମାଇନା କରାଯାଇଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ପୀଡିତାଜଣକ ଗୁରୁବାର ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିବା ବେଳେ କାନ୍ଦରା ଓ ତାଙ୍କ ସ୍ତ୍ରୀ ତାଙ୍କୁ ଘରକୁ ଖାଇବାକୁ ଡ଼ାକିଥିଲେ। ସେଠାରେ ମୁଖ୍ୟ ଅଭିଯୁକ୍ତ କୁଶ ସମେତ ସେହି ଗ୍ରାମର ଅନ୍ୟ ୩ ଜଣ ମଧ ଉପସ୍ଥିତ ଥିଲେ। ଉକ୍ତ ସମୟରେ କୁଶ ଓ ମହିଳାଙ୍କୁ ଘର ଭିତରେ କେହି କବାଟ ଦେଇଥିଲେ। ଏହାର ସୁଯୋଗ ନେଇ କୁଶ ମହିଳାଙ୍କୁ ବଳାତ୍କାର କରିଥିଲେ। ବିଳମ୍ବରେ କୁଶଙ୍କ ପତ୍ନୀ ଓ ମା' କବାଟ ଖୋଲି ପୀଡ଼ିତାଙ୍କୁ ଆକ୍ଷେପ କରି କାଠ ଫାଳିଆରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

# ଛାତ୍ରୀ ଆତ୍ମ ସୁରକ୍ଷା ଶିବିର



ଆତ୍ମସୁରକ୍ଷା ଶିବିର ସଚେତନତା ବୈଠକରେ ଉପସ୍ଥିତ ଅତିଥିମାନେ ।

**କପ୍ତିପଦା,୨।୧୧(ଡି.ଏନ.ଏ.)**

କପ୍ତିପଦା ବ୍ଲକ ଅଧୀନ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ ପରିସରରେ ଏକ ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କପ୍ତିପଦା ନୂଆସାହି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରମୋନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଧ୍ୟାପକ ଭଗବାନ ପଣ୍ଡା ଅଧ୍ୟକ୍ଷତା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ଆତ୍ମସୁରକ୍ଷା ସଂଯୋଜକ ଅଧ୍ୟାପକ ସୀତିକଣ୍ଠ ଦାସ, ପଙ୍କଜିନୀ ମହାନ୍ତ, ମନୋରଞ୍ଜନ ବିହାର ଓ ଡମ୍ବରୁଧର ନାଏକ ପ୍ରମୁଖ ଯୋଗ ଦେଇ ସମାଜରେ ନାରୀର ଭୂମିକା ଓ ସାମ୍ପ୍ରତିକ ସ୍ଥିତିରେ ଆତ୍ମ ସୁରକ୍ଷା ଶିବିରର ମୌଳିକ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରିଥିଲେ । ଏହି ଶିବିର ୧ ମାସ ଧରି ଚାଲିବାକୁ ଥିବା ବେଳେ ମାଷ୍ଟର ଟ୍ରେନର ପାର୍ବତୀ ଜେନା ସେମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ମହାବିଦ୍ୟାଳୟ ସୂତ୍ରରୁ ଜଣାଯାଇଛି । ଶେଷରେ ଅଶୋକ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ସୁବାସ ହେଲେ ଜିଲା କଂଗ୍ରେସ କମିଟିର ନୂତନ ସମ୍ପାଦକ

**ବିଶୋଇ,୨।୧୧**

ନିଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା ସଭାପତି ହେମନ୍ତ ଦାସ ମୟୂରଭଞ୍ଜ ଜିଲା କଂଗ୍ରେସ କମିଟିର ନୂତନ ସମ୍ପାଦକ ଭାବେ ସୁବାସ ପାତ୍ରଙ୍କୁ ନିଯୁକ୍ତି କରିଛନ୍ତି। ପାତ୍ର କଂଗ୍ରେସ ଦଳର ଜଣେ ବରିଷ୍ଠ ସଦସ୍ୟ ଥିବା ବେଳେ ସେ ପୂର୍ବରୁ ବିଶୋଇ ବ୍ଲକ କଂଗ୍ରେସ କମିଟି ର ସଭାପତି ଭାବରେ ଦାୟିତ୍ୱ ତୁଲାଇ ସାରିଛନ୍ତି । ତାଙ୍କର ଏହି ନିଯୁକ୍ତିରେ ପାତ୍ର ଏଆଇସିସି ସଭାପତି,ପିସିସି ସଭାପତି ଓ ଜିଲା ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ସୂଚନା ଦେଇଛନ୍ତି ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,**
**ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ବିଦାୟ ଦୁଶ୍ଚିନ୍ତା ଶିବିର ଉଦ୍‌ଯାପିତ

**ରାଇରଙ୍ଗପୁର,୨।୧୧(ଡି.ଏନ.ଏ.)**

ରାଇରଙ୍ଗପୁର ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କଚେରୀ ପଡିଆ ପରିସରଠାରେ ଗତ ଅକ୍ଟୋବର ୨୪ରୁ ଆରମ୍ଭ ହୋଇ ୧୦ ଦିନ ବ୍ୟାପି ଚାଲିଥିବା ବିଦାୟ ଦୁଶ୍ଚିନ୍ତା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉପଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରରେ ଥିବା ଲୋକଙ୍କ ମନରୁ ବିଭିନ୍ନ ଦୁଶ୍ଚିନ୍ତା ଦୂର କରିବାକୁ ଉପଦେଶ ଦେଇଥିଲେ। ଏହାଦ୍ୱାରା ସାଧାରଣ ଲୋକେ ଶାନ୍ତିମୟ ଜୀବନଯାପନ କରିପାରିବେ। ଏହି ଅବସରରେ ଶିବିର ଉପସ୍ଥିତ ଥିବା ବ୍ରହ୍ମାକୁମାରୀ ଏବଂ ବ୍ରହ୍ମକୁମାର ସମେତ ଶତାଧିକ ସହରାଞ୍ଚଳବାସୀଙ୍କ ଉପସ୍ଥିତିରେ ବିଦାୟ ଦୁଶ୍ଚିନ୍ତା ଗ୍ୟାସ୍ ବେଲୁନ୍ ଆକାଶମାର୍ଗକୁ ଛାଡିଥିଲେ। ୧୦ ଦିନ ବ୍ୟାପୀ ଏହି ଶିବିରରେ ଯୋଗ ଶିକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା।

# ଖଣିଜ ଉତ୍ପାଦନ ନେଇ ଜନଶୁଣାଣି

**ରାଇରଙ୍ଗପୁର,୨।୧୧(ଡି.ଏନ୍.ଏ.)**

ରାଇରଙ୍ଗପୁର ସବ୍‌ଡିଭିଜନ ଗୋରୁମହିଷାଣୀ ଲୁହାଖଣିର ଲିଜ୍‌ଧାରୀ ଘନଶ୍ୟାମ ମିଶ୍ରା ଆଣ୍ଡ ସନ୍ସ କମ୍ପାନୀଙ୍କ ଖଣିଜ ଉତ୍ପାଦନ ଏବଂ ଦକ୍ଷତା ବୃଦ୍ଧି ସକାଶେ ଏକ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗୋରୁମହିଷାଣୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବ୍ରଜବନ୍ଧୁ ଭୋଳ ଏବଂ ବାଲେଶ୍ୱରସ୍ଥିତ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ସଂସ୍ଥା ଅଧିକାରୀ ପ୍ରକାଶ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା ଏବଂ ଅତିରିକ୍ତ ତହସିଲଦାର ରୀମା ହାଁସଦା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଲିଜଧାରୀ ଖଣି କମ୍ପାନୀର ମନମୁଖୀ ଲୁହାପଥର ଖନନ କାର୍ଯ୍ୟ ଫଳରେ ଖଣି ପାର୍ଶ୍ୱ ବିଭିନ୍ନ ଗ୍ରାମବାସୀଙ୍କ ଚାଷ ଜମି ଏବଂ ବିଭିନ୍ନ ଜଳାଶୟ ପୋତି ନଷ୍ଟ ହେଉଛି। ଏଥିଯୋଗୁ ଜଳବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ରୋଗ ବ୍ୟାପିବାକୁ ନେଇ ଗ୍ରାମବାସୀ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୋରୁମଇଷାଣୀ ଲୁହାଖଣି ଅଞ୍ଚଳରୁ ଖଣିଜ ବାବଦ ମିନେରାଲ ଫଣ୍ଡକୁ ଯାଉଥିବା ଅର୍ଥକୁ ବ୍ୟବହାର କରାଯାଉ ନ ଥିବା ନେଇ ଗ୍ରାମବାସୀଙ୍କ ସମେତ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଥିଲେ। ଗୋରୁମଇଷାଣୀ ମିନେରାଲ ଫଣ୍ଡ ଅର୍ଥକୁ ଖଣି ଅଞ୍ଚଳବାସୀଙ୍କ ଉନ୍ନୟନ କାର୍ଯ୍ୟରେ ଲଗାଇବାକୁ ଦାବି କରାଯାଇଥିଲା। ଗୋରୁମଇଷାଣୀ ଲୁହାଖଣି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ପ୍ରାୟ ଶତାଧିକ ଖଣି ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିଥିଲେ। ଲୁହାଖଣି ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ପଦକ୍ଷେପ ନିଆଯିବ ବୋଲି ଖଣି ଲିଜଧାରୀ ପ୍ରତିଶ୍ରୁତି ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଜିଲାପାଳଙ୍କଉ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଆଇନଶୃଙ୍ଖଳା ସୁରକ୍ଷା ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ ଏସ୍‌ଡିପିଓ ଅମୂଲ୍ୟ କୁମାରଙ୍କ ନେତୃତ୍ୱରେ ବିଭିନ୍ନ ପଦାଧିକାରୀ ଏବଂପୋଲିସ କର୍ମଚାରୀ, ଫୋର୍ସ ଉପସ୍ଥିତ ଥିଲେ।

# ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରାଉ

**ଠାକୁରମୁଣ୍ଡା,୨।୧୧(ଡ଼ି.ଏନ.ଏ)**

ନବୀନ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଠାକୁରମୁଣ୍ଡା ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ୧୮ ନଂ ଜୋନ ଭାଜପା ସଭାପତି ଦିଲୀପ କୁମାର ବେହେରା ଓ ୧୯ନଂ ଜୋନ ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ନେତୃତ୍ୱରେ ମା' ବାସୁଳୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ପିସି କାରବାର ବନ୍ଦ, ଡାକ୍ତର, ଶିକ୍ଷକ ନିଯୁକ୍ତି, ଓ ଚାରା ଘୋଟାଲା ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେଠାରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଯୋଗେନ୍ଦ୍ର ନାଥ ମହାନ୍ତଙ୍କ ପରିଚାଳନାରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଅନନ୍ତ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ,ବରିଷ୍ଠ ନେତା ନବକିଶୋର ପଣ୍ଡା, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବୁରୁ, ଜିଲା ପରିଷଦ ସଭ୍ୟ ସାମାୟ ପୂର୍ତ୍ତି ଓ ଯୁଗଳ କିଶୋର ନାଏକ, ସବିତ୍ କାନ୍ତ ସୋରେନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୋପବନ୍ଧୁ ନାଏକ ପ୍ରମୁଖ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଏଥିସହିତ ସ୍ଥାନୀୟ କେତେକ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ଏ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ବିଡିଓଙ୍କୁ ଅବଗତ କରାଇଥିଲେ। ବିଡିଓ ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲି ସେଠାରେ ସୂଚନା ଦେଇଥିଲେ ।

# ଅବ୍ୟବସ୍ଥାରେ ଚାଲିଛି ଛାତ୍ରାବାସ

**ଭଞ୍ଜକିଆ,୨।୧୧(ଡି.ଏନ.ଏ)**

ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ନୋଡାଲ ବିଦ୍ୟାଳୟରେ ଥିବା ଛାତ୍ରାବାସ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି ହଷ୍ଟେଲରେ ୪୦ ଜଣ କୋମଳମତି ବାଳକ ଥିବା ବେଳେ ସେମାନେ ବିପଦସଙ୍କୁଳ ଗୃହରେ ରହିବାକୁ ବାଧ ହେଉଛନ୍ତି। ଗୃହର ଥିବା କବାଟ, ଝରକା ଭାଙ୍ଗିପଡ଼ିଛି। ଫଳରେ ରାତିରେ ଅସାମାଜିକ ବ୍ୟକ୍ତିଙ୍କ ସମେତ ସରୀସୃପ ପଶିବାର ଆଶଙ୍କା ରହୁଛି। ଛୋଟ ଛୋଟ ପିଲାମାନେ ଅସ୍ୱାସ୍ଥ୍ୟକର ଓ ଅସୁରକ୍ଷିତ ଗୃହରେ ରହୁଥିବା ଅଭିଯୋଗ ହେଉଛି। ଏଥିରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ରହୁଥିବା ଜଣାଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ ନାୟକଙ୍କୁ ପଚାରିବାରୁ ଅବ୍ୟବସ୍ଥା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।


ଶୋଚନୀୟ ହୋଇ ପଡିଥିବା ଭଞ୍ଜକିଆ ନୋଡାଲ ବିଦ୍ୟାଳୟ।

# ସାମିଲ ହେଲେ ୭୧ ଛାତ୍ରୀଛାତ୍ର

**ବାରିପଦା ଅଫିସ,୨।୧୧**

ମୟୂରଭଞ୍ଜ ଜିଲାସ୍ତରୀୟ କଳା ଉତ୍ସବ ବାରିପଦାସ୍ଥିତ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲା ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସୂଦନ ଚକ୍ର ଯୋଗଦେଇଥିଲେ। ବିଚାରକ ଭାବେ ଶିକ୍ଷୟିତ୍ରୀ ଦେବସ୍ମିତା ଚକ୍ର, ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ, ଦେବବ୍ରତ ଗିରି, ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ଦାସ ପ୍ରମୁଖ ଯୋଗଦେଇଥିଲେ।


ଉତ୍ସବରେ ସାମିଲ ପ୍ରତିଯୋଗୀମାନେ।

**ଜିଲାସ୍ତରୀୟ କଳା ଉତ୍ସବ**

ଏହି ଅବସରରେ ପୂର୍ବତନ ବିଜ୍ଞାନ ପରିଦର୍ଶକ ନଳିନୀ କୁମାର ଚୌଧୁରୀ ଯୋଗଦେଇ କଳା ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଜ୍ଞାନ ପରିଦର୍ଶକ ଦାୟିତ୍ୱରେ ଥିବା ଜଗନ୍ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ମୋଟ ୭୧ଜଣ ପିଲା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ରବି ସିଂ, ବୈଶାଖୀ ଜେନା, ନୃତ୍ୟ ବିଭାଗରେ ସମୀର ଶ୍ରୀଦେବ ଭୋଳ, ରୂପାଲୀ ମୁର୍ମୁ, ସଙ୍ଗୀତ ବିଭାଗରେ ନିର୍ମାଲ୍ୟ ପରିଡା, ଲକ୍ଷ୍ମୀ ବୈଠା ଏବଂ ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ଓମ୍ ଜ୍ୟୋତି ଆଚାର୍ଯ୍ୟ,ମୋନାଲିସା ସେଠୀ ପ୍ରମୁଖ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ଆସନ୍ତା ୧୦ତାରିଖରେ କେନ୍ଦୁଝର ଜିଲା ଡିଏନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶେଷରେ ଶିକ୍ଷକ ଶଶିଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ନୟନ କୁମାର ଗିରି,ବସନ୍ତ କୁମାର ଦତ୍ତ, ଦିଲୀପ କୁମାର ମିଶ୍ର, ତପନ କୁମାର ବାରିକ, ବିଜ୍ଞାନ ପରିଦର୍ଶକ ବେଣୁଧର ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ହାଟରୁ ଚାନ୍ଦା ଆଦାୟ୍, ପ୍ରତିବାଦ କଲେ ମାଡ଼

**ଢେଙ୍କିକୋଟ, ୨।୧୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ସାପ୍ତାହିକ ହାଟରେ ଚାନ୍ଦା ଆଦାୟ୍ ହୋଉଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରତିବାଦ କଲେ ମାଡ଼ ମରାଯାଉଥିବା ନେଇ ଚର୍ଚ୍ଚା ହେଉଛି। ଏହା ଓଡ଼ିଶାର ଦ୍ୱିତୀୟ ସର୍ବ ବୃହତ୍ତମ ସାପ୍ତାହିକ ହାଟ। ହାଟକୁ ବ୍ରହ୍ମପୁର, ରାଉରକେଲା, ପାରାଦୀପ, ଚାନ୍ଦବାଲି, ଭଦ୍ରକ, କଟକ, ଯାଜପୁର, ଜଗତସିଂହପୁର, ଯୋଡ଼ା, ବଡ଼ବିଲ, ଯଶିପୁର, କରଞ୍ଜିଆ, ରାଇରଙ୍ଗପୁର, ଠାକୁରମୁଣ୍ଡା, ସମ୍ବଲପୁରରୁ ବ୍ୟବସାୟୀ ଗୋଟାଏ ଦିନ ପୂର୍ବରୁ ଆସିଥାନ୍ତି। ଶନିବାର ଭୋର ୬ଟାରୁ ହାଟରେ ବିଭିନ୍ନ ପନିପରିବାଠାରୁ ଆରମ୍ଭ କରି ବନ୍ୟଜାତ ଦ୍ରବ୍ୟ କିଣାବିକା ହୋଇଥାଏ। ମାତ୍ର ଏ ଅଞ୍ଚଳରେ କେତେକ ଯୁବକ ବିଭିନ୍ନ ପୂଜା ଏବଂ କ୍ରୀଡ଼ା, ଡ୍ରାମା, ଆଦିର ବାହାନା କରି ପ୍ରତ୍ୟେକ ସପ୍ତାହରେ ବ୍ୟବସାୟୀଙ୍କଠାରୁ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ୍ କରୁଥିବା ଅଭିଯୋଗ ହେଉଛି। ବ୍ୟବସାୟୀମାନେ ପ୍ରତିବାଦ କଲେ ଅସାମାଜିକ ଶ୍ରେଣୀର କେତେ ଜଣ ଯୁବକ ପକେଟରୁ ହାତ ମାରି ଟଙ୍କା ନେଇଯାଉଥିବା ଅଭିଯୋଗ ହେଉଛି। ବ୍ୟବସାୟୀମାନେ ଭୟରେ ଥାନାରେ ଅଭିଯୋଗ କରୁ ନ ଥିବା କହୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି।

## ନୃତ୍ୟଶିଳ୍ପୀ ଆର୍. ରାସେଶ୍ୱରୀଙ୍କ କୃତିତ୍ୱ

**ଆନନ୍ଦପୁର,୨।୧୧(ସ୍ୱ.ପ୍ର.):** ସର୍ବଭାରତୀୟ ସ୍ତରରେ ସଂସ୍କୃତ ମନ୍ତ୍ରାଳୟ ଭାରତ ସରକାର ଏବଂ ମିଲଟନ୍ ପବ୍ଲିକ୍ ସ୍କୁଲର ମିଳିତ ଉଦ୍ୟମରେ ୧୫ତମ ରାଷ୍ଟ୍ରୀୟ ନାଟ୍ୟ ଓ ନୃତ୍ୟ ମହୋତ୍ସବ ୨୦୧୮ 'ରଙ୍ଗୋଦୟ' ଅନୁଷ୍ଠିତ ହୋଇଥିଲା। ସଂସ୍କାର ଭାରତି ନାଟ୍ୟ କେନ୍ଦ୍ର ଆଗ୍ରା ଦ୍ୱାରା ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଓ ରାଜକୁମାର ଶୁକ୍ଳଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଜୁନିୟର୍ ଗ୍ରୁପରେ ଆନନ୍ଦପୁରର ରାକେଶ ମହାନ୍ତିଙ୍କ ଝିଅ ତଥା କେନ୍ଦୁଝର ନୃତ୍ୟ ପ୍ରତିଭା ଏକାଡେମୀର କଳାକାର ଆର୍, ରାସେଶ୍ୱରୀ ମହାନ୍ତି ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିଜ ଅଞ୍ଚଳ ତଥା ବିଦ୍ୟାଳୟ ପାଇଁ ଅପୂର୍ବ ସଫଳତା ହାସଲ କରିଛନ୍ତି। ଏକାଡେମୀର ଅନ୍ୟମାନଙ୍କ ମଧ୍ୟରେ ନିବେଦିତା ମିଶ୍ର, ଅରୁନ୍ଧତି ମହାନ୍ତ ଦ୍ୱିତୀୟ ଓ ସାଇ ସମ୍ପୂର୍ଣ୍ଣା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିହାର, ଆସାମ, ମଣିପୁର, ପଶ୍ଚିମବଙ୍ଗ, ଦିଲ୍ଲୀ, ଝାଡଖଣ୍ଡ ସମେତ ଅନ୍ୟ ରାଜ୍ୟର କଳାକାର ଅଂଶ ଗ୍ରହଣ କରିଥିଲେ।

# ୧୦ ଲକ୍ଷ ହଡ଼ପ: ଥାନା ଘେରାଉ

- ଅଭିଯୋଗ ଆଣିଲେ ମହିଳା
- ପ୍ରଲୋଭନ ଦେଖାଇ ଠକିଲେ

**ଆନନ୍ଦପୁର, ୨।୧୧(ସ୍ୱ.ପ୍ର.)**

ଘସିପୁରା ଥାନା ଜଅଁରା ଅଞ୍ଚଳରେ ଥିବା ୭ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ମହିଳା ଠକେଇର ଶିକାର ହୋଇଛନ୍ତି। ଜଅଁରା ଗ୍ରାମର ଲକ୍ଷ୍ମୀ ପେରେଇଙ୍କ ସ୍ତ୍ରୀ ଝିଲି ପେରେଇଙ୍କ ଅଭିଯୋଗ ଅନୁଯାୟୀ, ସେହି ଗ୍ରାମର ରାଜେଶ ସେଠୀ ତାଙ୍କ ସ୍ତ୍ରୀ ଆୟୁଷ୍ମତୀ ସେଠୀ ଗ୍ରୁପ ତିଆରି କରିବା ପରେ ମହିଳାମାନଙ୍କୁ ଅର୍ଥ ମିଳିବା ପ୍ରଲୋଭନ ଦେଖାଇ ଲୋନ୍ କାଗଜରେ ଦସ୍ତଖତ କରି ନେଇଥିଲେ। ପରେ ଅର୍ଥ ଦୁଇ ତିନି ମାସ ମଧ୍ୟରେ ମିଳିଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଲୋନ୍ ଅର୍ଥ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମିଳି ନ ଥିଲା। ତିନି ଦିନ ତଳେ ଶେୟାର ଗ୍ରୁପ୍, ସ୍ପନ୍ଦନା ଗ୍ରୁପ୍, ରିଲିୟାନ୍ସ ଗ୍ରୁପ୍, ବନ୍ଧନ ଗ୍ରୁପ୍, ମୁଟିନ୍ ଗ୍ରୁପ୍, ଫ୍ୟୁଜନ୍ ଗ୍ରୁପ୍ ଏବଂ ୟେସ୍ ବ୍ୟାଙ୍କର କର୍ମଚାରୀମାନେ ସମ୍ପୃକ୍ତ ମହିଳାଙ୍କୁ ଲୋନ୍ କିସ୍ତି ଅର୍ଥ ମାଗିଥିଲେ। ଘଟଣା ଜାଣିବା ପରେ ମହିଳାମାନେ ଦସ୍ତଖତ କରିଥିବା ଲୋନ୍ ଫର୍ମରେ ୧୦ ଲକ୍ଷ ଅର୍ଥ ହଡପ ହୋଇଥିବା ଜଣାପଡ଼ିଥିଲା।


ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଥାନାରେ ଅଭିଯୋଗ କରୁଛନ୍ତି।

ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ କୌଣସି ଅର୍ଥ ମିଳି ନ ଥିବା ସତ୍ତ୍ୱେ କମ୍ପାନୀ କର୍ମଚାରୀମାନେ କ'ଣ ପାଇଁ କିସ୍ତି ଅର୍ଥ ମାଗିବାକୁ ଆସିଥିଲେ। ସେ ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଘଟଣାକୁ ନେଇ ଟଙ୍କା ହଡପ କରିଥିବା ଦମ୍ପତି ଏବଂ ଅର୍ଥ ଲୋନ୍ ଦେଇଥିବା ଫାଇନାନ୍ସ କମ୍ପାନୀର କର୍ମଚାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଜଅଁରା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗୋଲାପ ପେରେଇ, ଚଞ୍ଚଳା ପେରେଇ, ଝରଣା ଯେନା, ରମ୍ଭା ପେରେଇ, ସୋନାଲି ପେରେଇ, ଲକ୍ଷ୍ମୀପ୍ରିୟା ଯେନା ପ୍ରମୁଖ ମହିଳା ଘସିପୁରା ଥାନାରେ ଉପସ୍ଥିତ ରହି ଦାବି ଜଣାଇଛନ୍ତି।

## ଖଣିଜ ପାଣ୍ଠି ନେଇ ଆଲୋଚନାଚକ୍ର

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.)**

ଖଣିପ୍ରଭାବିତ ବାଂଶପାଳ ବ୍ଲକ ବାୟାକୁମୁଟିଆ ଓ ତଳକଇଁସାରୀ ପଞ୍ଚାୟତ ମୁଖ୍ୟାଳୟଠାରେ ଜିଲା ଖଣିଜ ପଦାର୍ଥ ପାଣ୍ଠି (ଡିଏମଏଫ) ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୀର୍ତ୍ତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେଏସଇ ନୂଆଦିଲ୍ଲୀର ପ୍ରତିନିଧି ଅନିନ୍ଦ୍ୟ ଷଡଙ୍ଗୀ, ବରିଷ୍ଠ ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, କୀର୍ତ୍ତି ସମ୍ପାଦକ ଦୁଷ୍କର ବାରିକ, ନରେଶ ପଟ୍ଟନାୟକ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଡିଏମଏଫର କାର୍ଯ୍ୟକାରିତାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଥିଲା। ୨୦୧୫ରେ ଭାରତର କେନ୍ଦ୍ରୀୟ ଖଣି ଖନନ ଆଇନ, ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ) ଆଇନ ୧୯୫୭ର ସଂଶୋଧନ କରି ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନର ପ୍ରତିଷ୍ଠା କରାଯାଇଥିଲା। ପ୍ରତ୍ୟେକ ଖଣି ପରିଚାଳନା ଦ୍ୱାରା ପ୍ରଭାବିତ ଗ୍ରାମଗୁଡିକରେ ଗୋଷ୍ଠୀ ଓ ଜନସାଧାରଣଙ୍କ ସମସ୍ୟା ଦୂର କରିବା ସହ ବିକାଶ ମୂଳକ କାର୍ଯ୍ୟକ୍ରମ କରିବା ମୂଳଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ।

ଡିଏମଏଫ ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଥିଲେ। ଉପସ୍ଥିତ ମହିଳାପୁରୁଷ ସେମାନଙ୍କ ଅଞ୍ଚଳର ମୌଳିକ ସମସ୍ୟା ଜଣାଇବା ସହ କିପରି ଡିଏମଏଫ ସେମାନଙ୍କ ସମସ୍ୟା ଦୂରକରିପାରି ନାହିଁ ସେ ନେଇ ମତ ରଖିଥିଲେ।

## ଦୁର୍ନୀତି ନିବାରଣ ଲାଗି ସଚେତନତା

**କେନ୍ଦୁଝର/ ଚମ୍ପୁଆ, ୨।୧୧ (ସ୍ୱ.ପ୍ର./ ଡି.ଏନ୍.ଏ.)**

ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଏକ ରାଲି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଡିଜିଏମ ଗୁପ୍ତେରାମ ନାୟକ ଓ ଏଜିଏମ ପ୍ରଭାତ କେଶରୀ ଦାସ ସମେତ ବ୍ୟାଙ୍କ କର୍ମଚାରୀ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭଲ କାମ କରିଥିବା କନଷ୍ଟେବଳ ସୁକୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ରିମୁଳି ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ସପନ କୁମାର ସାହୁ ମୁଖ୍ୟ ଅତିଥି, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ, ବରିଷ୍ଠ ଶିକ୍ଷକ ରମାକାନ୍ତ ପ୍ରଧାନ, ଖବରଦାତା ପବିତ୍ର ମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ସୁରେଶ କୁମାର ମହାନ୍ତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ତୃଣମୂଳ ସ୍ତରରୁ ଦୁର୍ନୀତି ମୁକ୍ତ କରାଯାଇ ପାରିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷକ, ଅତିଥି ଓ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।


ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ଷଷ୍ଠ ଦିନରେ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ

**ବଡବିଲ, ୨।୧୧(ସ୍ୱ.ପ୍ର.)**

ସ୍ଥାନୀୟ ବଡବିଲସ୍ଥିତ ଗାନ୍ଧୀ ପଡ଼ିଆରେ ଗତ ୨୮ରୁ ଆରମ୍ଭ ହୋଇଥିବା ବଡ଼ବିଲ ପ୍ରିମିୟର ଲିଗ୍ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟ ଷଷ୍ଠ ଦିନରେ ପହଞ୍ଚିଛି। ଗୁରୁବାର ଓ ଶୁକ୍ରବାର ୪ଟି ମ୍ୟାଚ୍ ହୋଇଥିଲା। ଏଥିରେ ଯଥାକ୍ରମେ ଆରଏସିସି, କଳିଙ୍ଗ ସିଜ୍‌ଲର, ସୁମିତ ଇଲେଭେନ ଓ ଏସ୍ଏଆଇ ବିଜୟୀ ହୋଇଛି।

ଗୁରୁବାର ପୂର୍ବାହ୍ଣରେ ଆରଏସିସି ଓ ଏଜେଏଫ ମଧ୍ୟରେ ଖେଳ ହୋଇଥିଲା। ଏହି ମ୍ୟାଚରେ ଆରଏସିସି ବିଜୟୀ ହୋଇଥିଲା ବେଳେ ଅବରାର ଅହମଦ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅପରାହ୍ଣରେ ଅନୁଷ୍ଠିତ ମ୍ୟାଚ୍ କଳିଙ୍ଗ ସିଜ୍‌ଲର ଏବଂ ଭିଜିଏଚ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ କଳିଙ୍ଗ ସିଜଲର ବିଜୟୀ ହୋଇଥିଲା ବେଳେ ଭିକି ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଶୁକ୍ରବାର ଅନୁଷ୍ଠିତ ପୂର୍ବାହ୍ନ ମ୍ୟାଚ୍ ସୁମିତ ଇଲେଭେନ ଓ ଏସ୍‌ଜିଏଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁମିତ ଇଲେଭେନ୍ ବିଜୟ ହୋଇଥିଲା। ଶୁଭମ ଲେଙ୍କା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍ ବଡବିଲ ଟାଇଗର୍ ଓ ଏସ୍ଏଆଇ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ଏସ୍ଏଆଇ ବିଜୟୀ ହୋଇଥିଲା ବେଳେ ଶକ୍ତି ରାଜନାଥ ଶର୍ମା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

■ ଗାଡ଼ିରୁ ୫୦ ଲକ୍ଷ ଟଙ୍କା ଜବତ ମାମଲା

# ସନାତନ ଓ ୫ ସହଯୋଗୀଙ୍କୁ ସମନ

**ରାଇସୁଆଁ, ୨।୧୧(ଡି.ଏନ୍.ଏ.)**

ଜାନୁୟାରୀରେ ଯୋଡ଼ାରୁ ଚମ୍ପୁଆ ଯାଉଥିବା ଏକ ଗାଡିରୁ ୫୦ ଲକ୍ଷ ଟଙ୍କା ପାଟ୍ରୋଲିଂ କରୁଥିବା ପୋଲିସ ଜବତ କରିଥିଲା। ଉକ୍ତ ମାମଲାରେ କେନ୍ଦୁଝର ଜିଲାର ବହୁ ଚର୍ଚ୍ଚିତ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସହ ୫ ସହଯୋଗୀଙ୍କୁ ପୋଲିସ ଶୁକ୍ରବାର ସମନ ଜାରି କରିଛି। ଟଙ୍କା ଜବତ ଘଟଣାରେ ଏକ ବ୍ୟାଙ୍କର ମ୍ୟାନେଜର ମାନସ ରାଉତ, ସୁରକ୍ଷାକର୍ମୀ ଲକ୍ଷ୍ମଣ ନାଏକ, ସେଲ୍ସ ଅଫିସର ସରୋଜ ବେହେରାଙ୍କୁ ପୋଲିସ ଗିରଫ କରିଥିଲା।

ଉକ୍ତ ଟଙ୍କା ବିଧାୟକ ସନାତନଙ୍କର ବୋଲି ପୋଲିସ ସୂଚନା ପାଇଥିଲା। ଫଳରେ ସଦର ପୋଲିସ ତଦନ୍ତ କରି ସେହି ସମୟରେ ୧୬୫ କୋଟି ଟଙ୍କାର ଆକାଉଣ୍ଟକୁ ଜବତ କରିଥିଲା। ପୂର୍ବରୁ ଏ ନେଇ ସନାତନଙ୍କୁ ଥାନାରେ ହାଜର ହେବାକୁ ସମନ କରାଯାଇଥିଲା। ମାତ୍ର ସେ ସମୟ ନେଇ ଥାନାରେ ହାଜର ହୋଇ ନ ଥିଲେ। ପୁଣିଥରେ ସଦର ପୋଲିସ ପକ୍ଷରୁ ୫ ତାରିଖରେ ସନାମହାକୁଡ, ୬ରେ ତାଙ୍କର ସହଯୋଗୀ ଭକ୍ତବନ୍ଧୁ ମହାନ୍ତ, ସୁଶାନ୍ତ ରଥ ଏବଂ ୭ରେ ମହେନ୍ଦ୍ର ମହାନ୍ତି, ରଞ୍ଜିତ ବାରିକ, ଅଶୋକ ବାରିକଙ୍କୁ ଥାନାରେ ହାଜର ହେବା ପାଇଁ ସମନ ଜାରି ହୋଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୧୨/୧୮) ରୁଜୁ ହୋଇଥିବା ଜଣାପଡିଛି।


ଚମ୍ପୁଆ ବିଧାୟକ ସନାତନ ମହାକୁଡ଼।

## ଝୁଲନ୍ତା ବିଦ୍ୟୁତ୍ ତାର ହାତୀଙ୍କ ପାଇଁ ବିପଦ


କୁସୁମିତା ସଂଗ୍ରକ୍ଷଣ ଜଙ୍ଗଲରେ ଝୁଲି ରହିଛି ବିଦ୍ୟୁତ୍ ତାର।

**ରାଇସୁଆଁ, ୨।୧୧(ଡି.ଏନ୍.ଏ.)**

ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବରୁ ନିକଟରେ ଢେଙ୍କାନାଳ ଜିଲାରେ ବିଦ୍ୟୁତ ତାର ଲାଗି ୭ ହାତୀର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ପରେ ବି ବିଭାଗୀୟ କର୍ତ୍ତୃପକ୍ଷ ଚେତୁ ନାହାନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ ବରଦାପାଳ କୁସୁମିତା ସଂଗ୍ରକ୍ଷଣ ଜଙ୍ଗଲରେ ବିଦ୍ୟୁତ୍ ତାର ଝୁଲି ରହିଛି। ବର୍ତ୍ତମାନ ଧାନ ଫସଲ ଖାଇବା ଆଶାରେ ବହୁ ସମୟରେ ହାତୀ ଉକ୍ତ ଅଞ୍ଚଳକୁ ଚାଲି ଆସୁଛନ୍ତି। ବିଦ୍ୟୁତ୍ ତାର ହାତୀପଲଙ୍କ ଚଲାପଥରେ ହାତ ପାହାନ୍ତାରେ ଝୁଲି ରହିଛି। ଫଳରେ ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଆଶଙ୍କା ରହୁଛି। ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବନ ବିଭାଗକୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏଥିପ୍ରତି ବନବିଭାଗ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ୍ ତାର ସଜାଡିବାକୁ ଜନସାଧାରଣ ଦାବି କରିଛନ୍ତି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ିଗଲେ ବୃଦ୍ଧା

**ଝୁମ୍ପୁରା, ୨।୧୧(ଡି.ଏନ.ଏ.):** ଝୁମ୍ପୁରା ଥାନାଞ୍ଚଳ ବଳଭଦ୍ର ଗାଁ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଲୁଧ ମହାନ୍ତ(୭୦)। ବୃଦ୍ଧା ଜଣଙ୍କ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଇବା ସମୟରେ ପୋଖରୀ ପାଣିରେ ବୁଡି ଯାଇଥିବା କୁହାଯାଉଛି। ପୋଖରୀ ପାଖରେ ଥିବା ଗ୍ରାମବାସୀ ବୃଦ୍ଧାଙ୍କୁ ପାଣିରୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳକୁ ବୃଦ୍ଧାଙ୍କର ମୃତ୍ୟୁ ହୋଇ ସାରିଥିଲା। ଝୁମ୍ପୁରା ପୋଲିସ ଖବର ପାଇ ମୃତଦେହ ଜବତ କରିଥିଲା।

### ଶହୀଦଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଆନନ୍ଦପୁର,୨।୧୧(ସ୍ୱ.ପ୍ର.):** ଘସିପୁରା କଲ୍ୟାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନଦୁଆଁ ଗ୍ରାମର ଶହୀଦ ବ୍ରଜମୋହନ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦେବରାଜ ସାହୁ, ଼ତି ଚାରଣ କରିଥିଲେ। ଶହୀଦ ବ୍ରଜମୋହନ ଆନନ୍ଦପୁର ଅଞ୍ଚଳର ଗର୍ବଗୌରବ ବୋଲି ମତ ପୋଷଣ କରାଯାଇଥିଲା।

### ରାସ୍ତା ବିପର୍ଯ୍ୟସ୍ତ, ବଢ଼ୁଛି ଦୁର୍ଘଟଣା

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.):** କେନ୍ଦୁଝର ସହରକୁ ଲାଗିଥିବା ୨୦ ନମ୍ବର ଜାତୀୟ ରାଜପଥର ବାଲିଆଗୋଡା ନିକଟ ଅଣ୍ଡରପାସର ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ଫଳରେ ରାସ୍ତାରେ ଯାତାୟାତ ବ୍ୟାହାତ ହେବା ସହ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଜନ ଅସନ୍ତୋଷ ବଢୁଛି। ଉକ୍ତ ରାସ୍ତା ଉପରେ ଦନାର୍ଦ୍ଦନପୁର ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ରାସ୍ତା ଶୋଚନୀୟ ହୋଇ ଖାଲଖମା ହୋଇଛି। ଉକ୍ତ ଶୁକ୍ରବାର ରାସ୍ତାରେ ଟ୍ରକ୍ ବ୍ରେକଡାଉନ ହୋଇ ରହିବା ଫଳରେ ଯାତାୟାତ ବ୍ୟାହାତ ହୋଇଥିଲା। ସାଇକେଲ ବା ଚାଲି ଯାଉଥିବା ଲୋକେ ଅନ୍ଧାର ରାତିରେ ବହୁ ଅସୁବିଧା ଭୋଗୁଛନ୍ତି।

### ବିଶ୍ୱ ମିତବ୍ୟୟିତା ଦିବସରେ ଶୋଭାଯାତ୍ରା

**କେନ୍ଦୁଝର,୨।୧୧(ସ୍ୱ.ପ୍ର.):** ବିଶ୍ୱ ମିତବ୍ୟୟିତା ଦିବସ ଜିଲା ମୁଖ୍ୟାଳୟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସଞ୍ଚୟ କରି ଭବିଷ୍ୟତକୁ କିପରି ସୁରକ୍ଷିତ କରିପାରିବେ ସେ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବା ସହ ସଞ୍ଚୟ ପରେ ବ୍ୟୟ କରିବା, ଋଣ ନ କରି କିପରି ଅର୍ଥ ସଞ୍ଚୟ କରିବେ ସେ ନେଇ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ସମସ୍ତଙ୍କୁ ସଚେତନତା ସୃଷ୍ଟି କରାଯାଇଥିଲା।

### ସଚେତନତା ସମାରୋହକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.):** ପ୍ରତ୍ୟେକ ବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବ୍ୟବହିତ ପୂର୍ବରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଧରପଗଡ ହୋଇଥାଏ। ଚଳିତ ବର୍ଷ ଗୋଟିଏ ହେଲେ ଧରପଗଡ ହୋଇ ପାରିନାହିଁ। ଫଳରେ ସଚେତନତା ସମାରୋହକୁ ନେଇ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ଥିବାରୁ ସରକାରଙ୍କୁ ସୁରକ୍ଷା ଦେବା ଓ ବଦନାମରୁ ରକ୍ଷା କରିବାକୁ ଧରପଗଡ କରାଗଲା ନାହିଁ ବୋଲି ଆଲୋଚନା ହେଉଛି।

ଜିଲା ମୁଖ୍ୟାଳୟରେ ଅଧୀନରେ ଥିବା ବିଭିନ୍ନ ବିଭାଗ କେତେ ଜଣ ଅଫିସ ତଥା ପୌରପାଳିକାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇ ଆସୁଥିଲେ ହେଁ ଦୀପ ତଳ ଅନ୍ଧାର ଭଳି କାହାରିକୁ ଦୃଶମାନ ହେଉନାହିଁ। ଟାର୍ଗେଟ ପୂରଣ କରିବାରେ ବ୍ୟସ୍ତ ରହୁଥିବା ଭିଜିଲାନ୍ସ ବିଭାଗ ଏଭଳି ଦୁର୍ନୀତିକୁ ଆଖି ବୁଜି ଦେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନୁଷ୍ଠିତ ବୈଠକରେ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର ବାବୁ, ସାମାଜିକ ସଂସ୍ଥା ପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ନାନା କଥା ଆଲୋଚନା ହେଉଛି।

# ବିଭ୍ରାଟ ସୃଷ୍ଟି କରୁଛନ୍ତି ଅସାମାଜିକ

**କେନ୍ଦୁଝର, ୨।୧୧ (ସ୍ୱ.ପ୍ର.)**



କେନ୍ଦୁଝର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀ।

- ଶୁଆକାଟିରେ ଶାନ୍ତି ବଜାୟ ରଖ
- ଉପଜିଲାପାଳଙ୍କୁ ସ୍ମାରକପତ୍ର
- ଅସାମାଜିକଙ୍କୁ ଦମନ ଦାବି

ବାଂଶପାଳ ବ୍ଲକ ଶୁଆକାଟିଠାରେ ଥିବା ଓଡ଼ିଶା ଖଣି ନିଗମର ଗନ୍ଧମାର୍ଦ୍ଦନ ଲୌହଖଣି ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବାତାବରଣ ଲାଗି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଓଡ଼ିଶା ଖଣି ନିଗମର ଗନ୍ଧମାର୍ଦ୍ଦନ ଲୌହଖଣିରେ ଖଣିଜପଥର ପରିବହନ କାର୍ଯ୍ୟ ଚାଲିଛି। କେତେକ ସେଥିରେ ବିଭ୍ରାଟ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଉପଜିଲାପାଳ କେନ୍ଦୁଝର ସୋମନାଥ ପ୍ରଧାନଙ୍କଠାରେ ଲୋକେ ଫେରାଦ ହୋଇଛନ୍ତି। ବିଭିନ୍ନ ସମୟରେ ଅସ୍ଥିରତା ସୃଷ୍ଟି କରୁଥିବା ଅସାମାଜିକଙ୍କୁ ପ୍ରଶାସନ ଦୃଢ ହସ୍ତରେ ଦମନ କରିବା ସହ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଲୋକେ ନିବେଦନ କରିଛନ୍ତି। ଏ ନେଇ ଏକ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଓଏମସି ଦ୍ୱାରା ପରିଚାଳିତ ଲୌହ ଖଣିର ସମ୍ପ୍ରସାରଣ ସମୟରେ ଆୟୋଜିତ ଜନଶୁଣାଣିରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବା ସହ ସାମାଜିକ, ସାଂସ୍କୃତିକ ଏବଂ ଅନ୍ୟ ସୁବିଧା ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ପ୍ରତିଶ୍ରୁତି ପ୍ରଦାନ ମୁତାବକ ଖଣି କାର୍ଯ୍ୟରେ ସ୍ଥାନୀୟ ଅଧିବାସୀଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ମାତ୍ର ବ୍ୟବସାୟିକ ସ୍ୱାର୍ଥ ରଖି କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅଞ୍ଚଳରେ ସାମାଜିକ ସଦ୍‌ଭାବ ନଷ୍ଟ କରିବା ସହ ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଗତ ୨ବର୍ଷ ଧରି ସୁରୁଖୁରୁରେ କାର୍ଯ୍ୟ ଚାଲି ଆସୁଛି। କେତେକ ବାହାର ଲୋକ ବାଂଶପାଳ ବ୍ଲକର ଅନ୍ୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭିତ କରି ବିଭ୍ରାଟ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ପ୍ରଶାସନ ସେମାନଙ୍କୁ ପ୍ରୋତ୍ସାହିତ କଲେ ପରିସ୍ଥିତି ଗୁରୁତର ହେବ ଏବଂ ଉକ୍ତ ଅଞ୍ଚଳର ଶାନ୍ତି ଭଙ୍ଗ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ଉପରେ ଚାପ ପକାଇବା ପାଇଁ କେତେକ ଲୋକ ବେଆଇନ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରି ପୋଲିସ ଦ୍ୱାରା ଅଟକ ହୋଇଥିଲେ ବୋଲି କୁହାଯାଉଛି।

ତାହାର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ କେନ୍ଦୁଝର ଏବଂ ଭୁବନେଶ୍ୱରରେ ରୁହନ୍ତି। ତାଙ୍କ ବିରୋଧରେ ମଧ୍ୟ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ସଙ୍ଗିନ ମାମଲା ରହିଛି। ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ୩ ପଞ୍ଚାୟତର ଲୋକ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି। କେନ୍ଦୁଝର ଜିଲାପାଳ, ଉପଜିଲାପାଳ, ସଦର ଏସଡିପିଓ, ଓଡ଼ିଶା ଖଣି ନିଗମର ଗନ୍ଧମାର୍ଦ୍ଦନ ଲୌହଖଣିର ଆଞ୍ଚଳିକ ପରିଚାଳକଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ଦେବା ସମୟରେ ଶୁଆକାଟୀ ସରପଞ୍ଚ ପଞ୍ଚାନନ ବାରିକ, କୁମୁଣ୍ଡି ସରପଞ୍ଚ ସୁକାନ୍ତି ଦେହୁରି, ତଳକଇଁସାରୀ ସରପଞ୍ଚ ଚୈତନ୍ୟ ଚରଣ ମଲ୍ଲିକ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ–ଅପରେଟିଭ୍ ସୋସାଇଟିର ସମ୍ପାଦକ ଅନନ୍ତ କୁମାର ବେଜ, ସଭାପତି ବାବାଜୀ ଚରଣ ବାରିକ, ଉମାକାନ୍ତ ବିନ୍ଧାଣୀ, ଭୁବନେଶ୍ୱର ଦାସ, ସୁରେଶ ପାତ୍ର, ଖଗେଶ୍ୱର ମହାନ୍ତଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଜିଲା ପରିଷଦ ସଭ୍ୟଙ୍କ ସମେତ ୨ ଗିରଫ

**ଆନନ୍ଦପୁର,୨।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ୩ ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ପ୍ରଭାକର ସାହୁଙ୍କ ସହ ବେଲବାହାଳି ଗ୍ରାମର ଅରୁଣ କୁମାର ସାହୁଙ୍କୁ ପୋଲିସ ଗିରଫ କରିଛି। ଜିଲାପରିଷଦ ସଭ୍ୟ ପ୍ରଭାକରଙ୍କ ନାମରେ ଗତ ୨୦୧୫ରେ ଏକ ମାମଲା ଥିଲା। କୋର୍ଟ ଗିରଫ ପରୱାନା ବଳରେ ଗିରଫ କରାଯାଇଛି। ଦୀର୍ଘ ତିନି ବର୍ଷ ପରେ ପ୍ରଭାକର ଗିରଫ ହୋଇଥିବାରୁ ଏ ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ସେପ୍ଟେମ୍ବର ୧୬ ତାରିଖ ସନ୍ଧ୍ୟାରେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅରୁଣଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ. ୧୯୦/୨୦୧୮) ରୁଜୁ ହୋଇଛି। ଉଭୟ ଘସିପୁରା ଥାନାକୁ ଦୀପାବଳୀ ଉତ୍ସବ ପାଳନ ଉପଲକ୍ଷେ ଅନୁମତି ଆଣିବାକୁ ଯାଇଥିଲେ। ଫଳରେ ଶୁକ୍ରବାର ନୂତନ ଭାବେ ଯୋଗଦାନ କରିଥିବା ଥାନା ଅଧିକାରୀ ବିରଞ୍ଚି ବାଗ୍ ସେମାନଙ୍କୁ ଗିରଫ କରିଥିଲେ।

## ଅଟୋ ସହ ୨ ବ୍ୟାଟେରି ଜବତ, ୩ ଗିରଫ



ଜବତ ଅଟୋ, ଗିରଫ ୩ ଯୁବକ।

**ବଡ଼ବିଲ, ୨।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରୁଗୁଡି ଥାନା ଭଦ୍ରସାହି–ରାଉରକେଲା ରାସ୍ତାର ବାରବାଙ୍କ ଜଙ୍ଗଲ ନିକଟରୁ ଗୁରୁବାର ରାତିରେ ଏକ ଟ୍ରକ୍‌ରୁ ବ୍ୟାଟେରି ଚୋରି ହୋଇଥିଲା। ଫଳରେ ପୋଲିସ ଅଟୋ ସହ ୨ ବ୍ୟାଟେରି ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଯୁବକମାନେ ହେଲେ ଯୋଡା ଥାନା ଅଞ୍ଚଳର ରାଜୁ ମୁଣ୍ଡା ଓରଫ୍ ଆଇସ୍ ମୁଣ୍ଡାରୀ, ବାବଲି ମୁଣ୍ଡା ଏବଂ କ୍ୟାମ୍ପ ହଟିଂ ଅଞ୍ଚଳର ବିଜୟ ମୁଣ୍ଡା। ବାରବାଙ୍କ ଜଙ୍ଗଲ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଟ୍ରକ୍ ଛିଡା ହୋଇଥିଲା। କେହି ଦୁର୍ବୃତ୍ତ ଟ୍ରକ୍‌ରେ ଥିବା ଦୁଇଟି ବ୍ୟାଟେରି ଚୋରି କରି ନେଇଥିଲେ। ଏ ନେଇ ରୁଗୁଡି ଥାନାରେ ଅଭିଯୋଗ ହୋଇଥିଲା।

ବିଭିନ୍ନ ଯାନବାହନ ତନଖି ବେଳେ ସନ୍ଦେହରେ ପୋଲିସ ଏକ ଅଟୋକୁ ଅଟକାଇ ଥିଲା। ସେହି ଅଟୋରେ ଚୋରି ହୋଇଥିବା ବ୍ୟାଟେରି ଥିବା ଜଣାପଡିଥିଲା ବୋଲି ରୁଗୁଡି ଥାନା ଏସଆଇ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## ପିସ୍ତଲ, ମାରଣାସ୍ତ୍ର ଦେଖାଇ ଟ୍ରକ୍ ଲୁଟ

**ଯୋଡ଼ା, ୨।୧୧(ଡି.ଏନ.ଏ.)**




ଲୁଟ୍ ହୋଇଥିବା ଟ୍ରକ୍‌ର ଫାଇଲ ଫଟୋ।

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଦେଓଝର ସାଇଡିଂ ନିକଟରୁ ଗୁରୁବାର ବିଳମ୍ବିତ ରାତିରେ ହେଲପର ଓ ଡ୍ରାଇଭରଙ୍କୁ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ଟ୍ରକ୍ ଲୁଟ୍ ହୋଇଛି। ଗତ ଗୁରୁବାର ହାଇୱା (ଟ୍ରକ୍) ନଂ ଓଡି୦୯ସି ୬୪୪୧ ଗୁଆଲି ଅଞ୍ଚଳରୁ ଖଣିଜ ବୋଝେଇ କରି ଏକ ପ୍ଲାଣ୍ଟ ଅଭିମୁଖେ ଯାଉଥିବା ବେଳେ ଟ୍ରକ୍‌ର ଟାୟାର ଫାଟି ଯାଇଥିଲା। ଟ୍ରକ୍‌ର ହେଲ୍‌ପର ମରାମତି କରୁଥିବା ସମୟରେ ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ସେଠାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ଟ୍ରକ୍ ଡ୍ରାଇଭରଙ୍କୁ ପିସ୍ତଲ ଦେଖାଇଥିଲେ। ଆଉ ଜଣେ ଦୁର୍ବୃତ୍ତ ହେଲ୍‌ପରଙ୍କୁ ମାରଣାସ୍ତ୍ର ଦେଖାଇବା ସହ ଦୁହିଁଙ୍କ ମୁହଁକୁ ଗାମୁଛାରେ ବାନ୍ଧି ଦେଇଥିଲେ। ପରେ ସେମାନଙ୍କୁ ବସାଇ ଦୁର୍ବୃତ୍ତମାନେ ଟ୍ରକକୁ ଚଳାଇ ଝାଡଖଣ୍ଡ ରାଜ୍ୟର ଭନଗାଁ ରାସ୍ତା ଦେଇ ନେଇଯାଇଥିଲେ। ଉକ୍ତ ଗାଁର ରାସ୍ତାରେ ଥିବା ଟ୍ରେନ ଲାଇନ୍ ନିକଟରେ ଡ୍ରାଇଭର ଓ ହେଲପରଙ୍କୁ ଓହ୍ଲାଇ ଜୀବନରେ ମାରିଦେବାର ଧମକ ଦେଇ ପଳାଇ ଯିବା ପାଇଁ କହିଥିଲେ। ଡ୍ରାଇଭର ଓ ହେଲପର ୧୫ କି.ମି. ବାଟ ଚାଲି ଆସି ସକାଳେ ଘଟଣା ସମ୍ପର୍କରେ ଜଣାଇଥିଲେ ବୋଲି ଟ୍ରକ୍ ମାଲିକ ନଟ ବେହେରା କହିଛନ୍ତି।

ଏ ନେଇ ଟ୍ରକ୍ ମାଲିକ ବିଲେଇପଦା ଫାଣ୍ଡି ପୋଲିସକୁ ଫୋନ ଯୋଗେ ଜଣାଇଥିଲେ। ଟ୍ରକ୍‌କୁ ଖୋଜାଖୋଜି ଚାଲିଛି। ଶୁକ୍ରବାର ସନ୍ଧ୍ୟାରେ ଲିଖିତ ଏତଲା ବିଲେଇପଦା ଫାଣ୍ଡିରେ ଦେବେ ବୋଲି ଟ୍ରକ୍ ମାଲିକ କହିଛନ୍ତି। ଏ ସମ୍ପର୍କରେ ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଟ୍ରକ୍ ଚୋରି ସମ୍ପର୍କରେ ମୌଖିକ ଭାବେ ପୋଲିସକୁ ଜଣାଯାଇଛି। କେତେ ଦୂର ସତ୍ୟାସତ୍ୟ ତାହା ଲିଖିତ ଏତଲା ଦେବା ପରେ ତଦନ୍ତ କଲେ ଜଣାପଡିବ ବୋଲି ସେ କହିଛନ୍ତି।

### ଏକତା ଦିବସରେ ଶପଥ ପାଠ

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.)**

ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ସମ୍ପର୍କିତ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦରବାର ହଲଠାରେ ଆୟୋଜିତ ଶପଥ ପାଠ ଉତ୍ସବରେ ଡେପୁଟି କଲେକ୍ଟର ରାମଚନ୍ଦ୍ର କିସ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ କର୍ମଚାରୀ ଶପଥ ନେଇଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଗ୍ରାମରକ୍ଷୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ପାଟଣା, ୨।୧୧(ସ୍ୱ.ପ୍ର.)**

ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତ ତେନ୍ତୁଳିଖୁଣ୍ଟି ହାଟ ପଡ଼ିଆରୁ ଜଣେ ଗ୍ରାମରକ୍ଷୀଙ୍କ ମୃତଦେହ ଶୁକ୍ରବାର ତୁରୁମୁଙ୍ଗା ପୋଲିସ ଜବତ କରିଛି। ମୃତକ ଜଣଙ୍କ ହେଲେ ତୁରୁମୁଙ୍ଗା ଥାନା ପୁଟୁଗାଁ ଗ୍ରାମର ହରି ପାତ୍ରଙ୍କ ପୁଅ କ୍ଷୀରୋଦ ପାତ୍ର। କ୍ଷୀରୋଦ ତୁରୁମୁଙ୍ଗା ଥାନା ଅଧୀନରେ ଗ୍ରାମରକ୍ଷୀ ଭାବେ କାମ କରୁଥିଲେ। ସେ ଗୁରୁବାର ୧୦ଟାରୁ ଘରୁ ବାହାରି ଆଉ ଫେରି ନ ଥିଲେ। ତାଙ୍କ ଘରଠାରୁ ମାତ୍ର ୧ କି.ମି. ବ୍ୟବଧାନରେ କ୍ଷୀରୋଦଙ୍କ ମୃତଦେହ ମିଳିବା ନେଇ ନାନା ଚର୍ଚ୍ଚା ହେଉଛି। କ୍ଷୀରୋଦଙ୍କୁ କେହି ଦୁର୍ବୃତ୍ତ ନୃଶଂସ ଭାବେ ହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସି ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

ଅନ୍ୟପକ୍ଷରେ ବେଆଇନ ମଦ ବ୍ୟବସାୟରେ ସଂଶ୍ଳିଷ୍ଟ ଥିବା ଦୁଇ ଜଣ ବ୍ୟକ୍ତି କିଛିଦିନ ତଳେ କ୍ଷୀରୋଦଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୧୧୦/୧୮) ରୁଜୁ ହୋଇଥିବା ଥାନାଧିକାରୀ ବିଜୟକୃଷ୍ଣ ମହାପାତ୍ର କହିଛନ୍ତି। ଘଟଣାସ୍ଥଳରେ ଥାନା ଅଧିକାରୀ ବିଜୟକୃଷ୍ଣ, ଏଏସଆଇ ବିପିନ ବାରିକ ଓ ଗୁରୁପ୍ରସାଦ ଦେଓ ସାଇଣ୍ଟିଫିକ ଟିମ ଡକାଇ ତଦନ୍ତ କରିଛନ୍ତି।

## ଦୁର୍ନୀତି ନିବାରଣ ଲାଗି ସଚେତନତା ଆବଶ୍ୟକ

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.)**




ଆୟୋଜିତ ସମାରୋହରେ ଉପସ୍ଥିତ ଅତିଥିମାନେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶୁକ୍ରବାର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଏକ ସ୍ୱତନ୍ତ୍ର ସମାରୋହରେ ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ଜନ ସଚେତନତା, ଦୃଢ ମାନସିକତା ଓ ନୈତିକତା ଆବଶ୍ୟକ ବୋଲି ବୈଠକରେ ଯୋଗଦେଇ ଅତିଥି ମତବ୍ୟକ୍ତ କରିଛନ୍ତି। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜେ.ଏନ୍. ପଙ୍କଜ, ଡିଏସ୍‌ପି ଭିଜିଲାନ୍ସ ଦେବଦତ୍ତ ସେଠ୍ ଯୋଗ ଦେଇଥିଲେ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସଚେତନତା ଜରୁରି ବୋଲି ଆହ୍ୱାନ ଦିଆଯାଇଥିଲା।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଉଚ୍ଚବିଦ୍ୟାଳୟସ୍ତରୀୟ ଓ ମହାବିଦ୍ୟାଳୟସ୍ତରୀୟ ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ, ଧୃବିନ୍ଦ୍ର କୁମାର ପାତ୍ର, ରାଜଶ୍ରୀ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ଯୁବବାହିନୀ ପାଇଁ ବଞ୍ଚିଗଲା ଜୀବନ

**ଆନନ୍ଦପୁର, ୨।୧୧(ସ୍ୱ.ପ୍ର.)**



ବିଜୁ ଯୁବବାହିନୀ ସଦସ୍ୟମାନେ ଆହତଙ୍କ ସେବା କରୁଛନ୍ତି।

ଆନନ୍ଦପୁର ଥାନା କୋଡ଼ପଡ଼ା ଛକଠାରେ ଏକ ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ବିଜୁ ଯୁବ ବାହିନୀର ସଦସ୍ୟମାନେ ଗୁରୁବାର ରାତିରେ ଜରୁରିକାଳୀନ ସହାୟତା କରିଛନ୍ତି। ଘସିପୁରା ଥାନା ଗୋହିରା ଅଞ୍ଚଳର କମଳାକାନ୍ତ ବାସ୍କେ ମୟୂରଭଞ୍ଜ ଅଞ୍ଚଳର ସାତକୋଶିଆ ସାପ୍ତାହିକ ହାଟରୁ ବେପାର ସାରି ନିଜ ବାଇକ୍‌ରେ ଫେରୁଥିବା ସମୟରେ କୋଡପଡା ଛକଠାରେ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଫଳରେ ପଛପଟୁ ଆସୁଥିବା ଏକ ଅଟୋ ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଅଣ୍ଟା ପିଠିରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ କୋଡପଡା ବିଜୁ ଯୁବ ବାହିନୀ ସଭାପତି ସଞ୍ଜୟ ବାରିକ ଓ ଦୁଇ ଜଣ ସଦସ୍ୟ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବିଭାଗ ଗାଡିରେ ଆହତଙ୍କୁ ଆଣି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମାମୁ ଗଡବାନ୍ଧଗୋଡାର କାହ୍ନୁ ଚରଣ ଜେନା ଖବର ପାଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ବିଜୁ ଯୁବ ବାହିନୀର ସଦସ୍ୟମାନେ ଆହତଙ୍କୁ ହସ୍ତାନ୍ତର କରିଥିଲେ। ସଦସ୍ୟମାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

**ଆନନ୍ଦପୁର,୨।୧୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ତରୁଆଁ ଦଧିବାମନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୋଷାକ ସହିତ ଜୋତା ମୋଜା ବିତରଣ କରାଯାଇଛି। ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ବଙ୍କିମ୍ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବଳରାମ ବେହେରା ଅତିଥି ଭାବେ ଯୋଗଦେଇ ୮୦ ଛାତ୍ରୀ ଓ ୧୦୨ ଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ କରିଥିଲେ।

କାର୍ଯ୍ୟକ୍ରମରେ ତରୁଆଁ ସିଆରସିସି ନିରଞ୍ଜନ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ନିତ୍ୟାନନ୍ଦ ବେହେରା, ଶିକ୍ଷକ ପ୍ରମୋଦ ଭଞ୍ଜ, ମୀନହରି ପେରେଇ, ପ୍ରଦୀପ ପଣ୍ଡା, ମନ୍ମଥ ଘଡେଇ, ମନୋଜ ପୃଷ୍ଟି ଓ ଶିକ୍ଷୟିତ୍ରୀ ଜ୍ୟୋତିସ୍ମିତା କର, ପ୍ରତିଭା ପାଢୀ, ସନ୍ଧ୍ୟାରାଣୀ ରାଉତ ପ୍ରମୁଖଙ୍କ ସମେତ ସ୍କୁଲ କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।



ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କେନ୍ଦୁଝର, ୨।୧୧(ସ୍ୱ.ପ୍ର.)**



ଶୋଭାଯାତ୍ରାରେ ଯାଉଛନ୍ତି କୁଡ଼ୁମି ସମାଜର କର୍ମକର୍ତ୍ତା।

- କୁଡ଼ୁମି ଅଧିବାସୀଙ୍କୁ ନ୍ୟାୟ ମିଳୁ
- ମହିଳାପୁରୁଷଙ୍କ ଶୋଭାଯାତ୍ରା
- ତେଜିବାରେ ଲାଗିଛି ଆନ୍ଦୋଳନ

କୁଡ଼ୁମି ଅଧିବାସୀଙ୍କୁ ନ୍ୟାୟ ପ୍ରଦାନ ସହ ସେମାନଙ୍କ ଧନଜୀବନ ସୁରକ୍ଷା ନେଇ ଶୁକ୍ରବାର ଜିଲା ମୁଖ୍ୟାଳୟଠାରେ ଓଡ଼ିଶା କୁଡ଼ୁମି ସମାଜ ପକ୍ଷରୁ ଜନ ଆନ୍ଦୋଳନ କରାଯାଇଥିଲା। ବହୁ ସଂଖ୍ୟାରେ ଜିଲା ଓ ଜିଲା ବାହାରୁ କୁଡ଼ୁମି ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ। ସ୍ଥାନୀୟ କାଳୀ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ ସମସ୍ତେ ଏକାଠି ହୋଇ ପ୍ରତିବାଦ ଜଣାଇ ବିକ୍ଷୋଭ କରିଥିଲେ। ପ୍ରତିବାଦ ସଭାରେ କୁଡ଼ୁମି ସମ୍ପ୍ରଦାୟର ନେତାମାନେ ଦାବି ଉପସ୍ଥାପନା କରିଥିଲେ। ସେମାନଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ।

ହରିଚନ୍ଦନପୁର ବ୍ଲକ ନଳପଙ୍ଗା ଗ୍ରାମରେ ବସବାସ କରୁଥିବା ମହାନ୍ତ ଓ ଜୁଆଙ୍ଗ ଶ୍ରେଣୀର ପରିବାର ଲୋକ ମଧ୍ୟରେ ତିକ୍ତତା ଲାଗି ରହିଛି। ଜମି ହଡ଼ପ ବିବାଦ ଲାଗି ରହିଛି। ମହାନ୍ତ ସମ୍ପ୍ରଦାୟ ପଟ୍ଟାଭୁକ୍ତ ଜମିରେ ଚାଷ କରୁଛନ୍ତି। କେତେକ ଜୁଆଙ୍ଗ ତାଙ୍କୁ ଆକ୍ରମଣ କରିବା ସହ ଗ୍ରାମରେ ରହିବାକୁ ଦେଉନଥିବା ଅଭିଯୋଗ କରିଛନ୍ତି। ଏ ନେଇ ୨୦୧୫ରୁ ନଳପଙ୍ଗା ଗ୍ରାମର ୨୭ରୁ ଉର୍ଦ୍ଧ୍ୱ ପରିବାର ପ୍ରଶାସନ ନିକଟରେ ଗୁହାର କରିବା ସ୍ୱତ୍ତ୍ୱେ ଏହାର ସମାଧାନ ବାହାରୁ ନାହିଁ। ଫଳରେ ଉକ୍ତ ୨୭ ପରିବାର ଚାଷ ନ କରିପାରି ମୂଲମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ହାଇକୋର୍ଟଙ୍କ ଆଦେଶକୁ ପାଳନ କରି ଜମି ଫେରାଇବା ସହ ସୁରକ୍ଷା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ମହାନ୍ତ(କୁଡ଼ୁମି) ସମ୍ପ୍ରଦାୟର ପରିବାରକୁ ନ୍ୟାୟ ଦେବା ଦାବିରେ ଜିଲାପାଳଙ୍କୁ ଓଡ଼ିଶା କୃଷକ ସମାଜ ଦାବିପତ୍ର ଦେଇଥିଲେ ହେଁ ଦାବିପୂରଣ ନ ହେବାରୁ ଶତାଧିକ କୁଡ଼ୁମି ଜାତିର ମହିଳାପୁରୁଷ ଏକ ଶୋଭାଯାତ୍ରରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମି ଦିନରେ ନଳପଙ୍ଗାର ୨୭ କୁଡ଼ୁମି ପରିବାରକୁ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁଡ଼ୁମି ସମାଜ ପକ୍ଷରୁ ଡାକ୍ତର ମହାନ୍ତ, ରାଧାକାନ୍ତ ମହାନ୍ତ ଚେତାବନୀ ଦେଇଛନ୍ତି।